ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକୋତ୍ତର କାର୍ଯ୍ୟକ୍ରମ

ପାଠ୍ୟକ୍ରମ -୧୩
ତୁଳନାତ୍ମକ ସାହିତ୍ୟ

## ବ୍ଲକ୍

## ୧ ତୁଳନାତ୍ମକ ସାହିତ୍ୟ

ପ୍ରଥମ ଏକକ
**ତୁଳନାତ୍ମକ ସାହିତ୍ୟର ସଂଜ୍ଞା, ସ୍ୱରୂପ**

ଦ୍ୱିତୀୟ ଏକକ
**ତୁଳନାତ୍ମକ ସାହିତ୍ୟର ପ୍ରୟୋଜନୀୟତା**

ତୃତୀୟ ଏକକ
**ସାହିତ୍ୟର ତୁଳନାତତ୍ତ୍ୱ**

ଚତୁର୍ଥ ଏକକ
**ତୁଳନାତ୍ମକ ସାହିତ୍ୟ ଓ ଅନୁବାଦ**

## ବିଶେଷଜ୍ଞ ପରିଷଦ


| | |
|---|---|
| **ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ**<br>ଅଧ୍ୟକ୍ଷ | ପ୍ରତିଷ୍ଠାତା ନିର୍ଦ୍ଦେଶକ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମହୀଶୁର। |
| **ଡକ୍ଟର (ଶ୍ରୀମତୀ) ସଂଘମିତ୍ରା ମିଶ୍ର**<br>ସଦସ୍ୟ | ଅବସରପ୍ରାପ୍ତ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର |
| **ଡକ୍ଟର ବିଜୟ କୁମାର ମହାନ୍ତି**<br>ସଦସ୍ୟ | ଅବସରପ୍ରାପ୍ତ ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର। |
| **ଡକ୍ଟର ବସନ୍ତ କୁମାର ପଣ୍ଡା**<br>ସଦସ୍ୟ | ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର। |
| **ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ**<br>ସଦସ୍ୟ | ପରିଦର୍ଶୀ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ। |
| **ଡକ୍ଟର ଅନାଦି ଚରଣ ଗାଁଣ**<br>ସଦସ୍ୟ | ପ୍ରଫେସର ଓ ବିଭାଗ ମୁଖ୍ୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, କେନ୍ଦୁଝର କ୍ୟାମ୍ପସ, କେନ୍ଦୁଝର। |
| **ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା**<br>ସଦସ୍ୟ | ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର। |
| **ଡକ୍ଟର ଦିଲ୍ଲୀପ କୁମାର ନାୟକ**<br>ଆବାହକ | ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା। |



**ଲେଖକ : ଡକ୍ଟର ନଗେନ୍ କୁମାର ଦାସ**

ଅଧ୍ୟାପକ, ଓଡ଼ିଆ ବିଭାଗ, ସୁବୋଧ ରାଉତରାୟ ମହାବିଦ୍ୟାଳୟ, ବିଶ୍ରା, ରାଉରକେଲା।



**ପ୍ରଚ୍ଛଦ ଓ ଅଲଙ୍କରଣ : ଲିପିନା ସାହୁ,** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟଳୟ, ସମ୍ବଲପୁର।

**ଡ଼ି.ଟି.ପି : ଲିପିନା ସାହୁ,** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟଳୟ, ସମ୍ବଲପୁର।

## ପ୍ରକାଶକ

**ଡକ୍ଟର ମାନସ ରଞ୍ଜନ ପୂଜାରୀ**

କୁଳସଚିବ

*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*



© OSOU, 2020. **Tulanamtaka Sahitya** is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ
# ତୁଳନାତ୍ମକ ସାହିତ୍ୟର ସଂଜ୍ଞା, ସ୍ୱରୂପ

**ବିଷୟ ଗଠନ :**

୧.୧ ପଠନର ଉଦ୍ଦେଶ୍ୟ
୧.୨ ଶିକ୍ଷଣୀୟ ବିଷୟ
୧.୩ ବିଷୟ ପ୍ରବେଶ
୧.୪ ତୁଳନାତ୍ମକ ସାହିତ୍ୟର ସଂଜ୍ଞା ଓ ସ୍ୱରୂପ
୧.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୧.୬ ସହାୟକ ଗ୍ରନ୍ଥସୂଚୀ

## ୧.୧ ପଠନର ଉଦ୍ଦେଶ୍ୟ

ତୁଳନାତ୍ମକ ସାହିତ୍ୟ କଣ ? ଏହି ପ୍ରେକ୍ଷାପଟରେ ଉପଯୋଗୀ ସାବ୍ୟସ୍ତ ହେଉଥିବା ତୁଳନାତ୍ମକ ସଂସ୍କୃତି ଅଧ୍ୟୟନର ଗୁରୁତ୍ୱ କେତେ ଦୂର ଯଥାର୍ଥ ? ସାହିତ୍ୟ ଅଧ୍ୟୟନର ଏହା ଏପରି ଏକ ବିଭାଗ, ଯେଉଁଠି ବିବିଧ ଭାଷାରେ ରଚିତ ମୂଳପାଠ ମଧ୍ୟରେ ଥିବା ସାମ୍ୟ/ ବୈଷମ୍ୟ ଆକଳନ କରାଯାଇ ପାରିବ ଅଥବା ବିବିଧ ଅଞ୍ଚଳରେ ଏକା ଭାଷାରେ ଥିବା ସୃଜନ କର୍ମ ମଧ୍ୟରେ ତୁଳନା କରିବାର ପ୍ରକ୍ରିୟାକୁ କଣ ତୁଳନାତ୍ମକ ସାହିତ୍ୟ କୁହାଯିବ କି ? ଉଦାହରଣ ସ୍ୱରୂପ, ଓଡ଼ିଶାରେ ଓଡ଼ିଆ ଭାଷାରେ ରଚିତ କୌଣସି ଗ୍ରନ୍ଥ ସହିତ (ତୁଳନା ହେବାର ଯୋଗ୍ୟତା ଭିତ୍ତିରେ) ଜର୍ମାନ କିମ୍ବା ଅନ୍ୟ କୌଣସି ଦେଶରେ ଅବସ୍ଥାନ କରୁଥିବା ଓଡ଼ିଆ ଲେଖକର ଓଡ଼ିଆ ଗ୍ରନ୍ଥ ଭିତରେ ତୁଳନା କରାଯାଇପାରିବ କି ? ଅଥବା ବିବିଧ କାଳଖଣ୍ଡରେ ରଚିତ ପୁସ୍ତକଗୁଡ଼ିକୁ ତୁଳନାତ୍ମକ ସାହିତ୍ୟ ପରିସରକୁ ଅଣାଯାଇପାରିବ କି ? ତୁଳନାତ୍ମକ ସାହିତ୍ୟ ବିଶ୍ୱର ସମସ୍ତ ଆବେଦନଗୁଡ଼ିକୁ ପ୍ରକାଶ କରିବାରେ କ୍ଷମତା ରଖିଥାଏ କି ? ତୁଳନାତ୍ମକ ସାହିତ୍ୟର ସଂଜ୍ଞା / ସ୍ୱରୂପ ନିର୍ଣ୍ଣୟ ସମୟରେ, ଏହିପରି ନାନାଦି ଜଟିଳ ପ୍ରଶ୍ନ ଉଠିବା ସ୍ୱାଭାବିକ। ତେଣୁ ତୁଳନାତ୍ମକ ସାହିତ୍ୟ ସଂପର୍କରେ ଜ୍ଞାନ ହାସଲ କରିବା ହେଉଛି ଏହି ଏକକର ପ୍ରାଥମିକତା, ଏବଂ ଏହା ସହିତ ଜଡ଼ିତ ହୋଇରହିଥିବା ବିବିଧ ପ୍ରଶ୍ନ ଓ ଉତ୍ତର ଛଳରେ ଆମେ ତୁଳନାତ୍ମକ ସାହିତ୍ୟର ସଂଜ୍ଞା ଓ ସ୍ୱରୂପ ନିର୍ଣ୍ଣୟ କରିପାରିବା।

## ୧.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀଗଣ ନିମ୍ନ ପ୍ରସଙ୍ଗ ସଂପର୍କରେ ଜାଣିପାରିବେ :

- ତୁଳନାତ୍ମକ ସାହିତ୍ୟର ସଂଜ୍ଞା ଓ ସ୍ୱରୂପ
- ତୁଳନାତ୍ମକ ସାହିତ୍ୟ ପଦ୍ଧତିର ବୈଶିଷ୍ଟ୍ୟ

- ତୁଳନାତ୍ମକ ସାହିତ୍ୟର ପରିସର ସଂପର୍କିତ ଚର୍ଚ୍ଚା
- ତୁଳନାତ୍ମକ ସାହିତ୍ୟର ଆବଶ୍ୟକତା
- ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ପ୍ରେକ୍ଷାପଟ୍ଟରେ ଯେଉଁ ସୌନ୍ଦର୍ଯ୍ୟବୋଧ ପ୍ରକଟିତ ହୋଇଥାଏ ତାର ଆକଳନ କରିବା ପଦ୍ଧତି

## ୧.୩ ବିଷୟ ପ୍ରବେଶ

ତୁଳନାତ୍ମକ ସାହିତ୍ୟର ପରିସର ବ୍ୟାପକ। ବ୍ୟାପକ ଏହି ଦୃଷ୍ଟିରୁ ଯେ, ଦେଶଦେଶାନ୍ତର ସାଂସ୍କୃତିକ ବୈଚିତ୍ର୍ୟ ସଂପର୍କରେ ଅବଗତ ହେବା। ଏତଦ ବ୍ୟତୀତ ଗୋଟିଏ ଜାତିର ଆର୍ଥ- ସାମାଜିକ ତଥା ରାଜନୀତିକ ଆଦର୍ଶ ବୋଧ, ଯାହା ସୃଜନକର୍ମରେ ପ୍ରତିକିତ ହୋଇଥାଏ, ସେସବୁର ବିଧିବଦ୍ଧ ଆଲୋଚନା ହୋଇଥାଏ ତୁଳନାତ୍ମକ ପଦ୍ଧତି ମାଧ୍ୟମରେ। ତେଣୁ ଜ୍ଞାନଚର୍ଚ୍ଚାର ଏହି ବ୍ୟାପକ ପରିସର ନିର୍ମାଣ କରିଥାଏ ତୁଳନାତ୍ମକ ଅଧ୍ୟୟନ। ଏହି ପରିପ୍ରେକ୍ଷୀରେ ତୁଳନାତ୍ମକ ପଦ୍ଧତି ଦ୍ୱାରା ନିର୍ଣ୍ଣିତ କେତେଗୁଡ଼ିଏ ମୌଳିକ ସିଦ୍ଧାନ୍ତ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ଏତଦ ଭିନ୍ନ, ତୁଳନାତ୍ମକ ଅଧ୍ୟୟନ ସମସ୍ତ ଜାଗତିକ ଜୀବନର ଅନ୍ତର୍ନିର୍ଯ୍ୟାସକୁ ପ୍ରକାଶ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବାରୁ ଏହାର ଆଭିମୁଖ୍ୟ/ ଉଦ୍ଦେଶ୍ୟ ସଂପର୍କରେ ଅବଗତ ହେବା ବାଂଛନୀୟ। ସେଥିପାଇଁ ତାର ସଂଜ୍ଞା, ସ୍ୱରୂପ ଓ ପ୍ରୟୋଗବିଧି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ଆବଶ୍ୟକ।

## ୧.୪ ତୁଳନାତ୍ମକ ସାହିତ୍ୟର ସଂଜ୍ଞା ଓ ସ୍ୱରୂପ

ତୁଳନାତ୍ମକ ଆଲୋଚନାର ଏହି ବିନ୍ଦୁଗୁଡ଼ିକର ପର୍ଯ୍ୟାଲୋଚନା ବାହାରେ ଆମକୁ ଜାଣିବାକୁ ପଡ଼ିବ ଯେ, କୌଣସି ସାହିତ୍ୟ ସଂରଚନା ଚିରନ୍ତନ ନୁହେଁ। ତେଣୁ ତୁଳନାତ୍ମକ ସାହିତ୍ୟ ପଦ୍ଧତି ଏହି ଚିରନ୍ତନ ଅବଧାରଣାକୁ ପ୍ରତିହତ କରିଥାଏ। ଆହରଣର ମୌଳିକତା ଯାହା କବି / ଲେଖକମାନଙ୍କ ପାଇଁ ଅଭିପ୍ରେତ ହୋଇଥାଏ, ତାହା ମୂଳରେ ଥାଏ ସ୍ଥାନୀୟତା ବା ନିର୍ଦ୍ଦିଷ୍ଟ ଭୂଖଣ୍ଡ ଭିତରେ ଆତଯାତ ହେଉଥିବା ସାଂସ୍କୃତିକ ଅଭିଚେତନା। ଏହି ସାଂସ୍କୃତିକ ଅଭିଚେତନାକୁ ଆମେ ମୌଳିକ ଭାବେ ଗ୍ରହଣ କରିଥାଉ। ତେଣୁ ତୁଳନାତ୍ମକ ସାହିତ୍ୟ ପଦ୍ଧତି ମାଧ୍ୟମରେ ବିଶ୍ୱର ଏହି ସ୍ଥାନୀୟ ଅଭିଚେତନା ସଂପର୍କରେ ଅଭିହିତ ହୋଇଥାଉ। ସେଥିପାଇଁ ଏହି ଏକକର ପ୍ରମୁଖ ଉଦ୍ଦେଶ୍ୟ ହେଲା ତୁଳନାତ୍ମକ ସାହିତ୍ୟ ପଦ୍ଧତି ବିଷୟରେ ଜ୍ଞାନାଲୋକ ପ୍ରାପ୍ତି ହେବା ସହ ତାର ସଂଜ୍ଞା, ସ୍ୱରୂପ ସଂପର୍କରେ ଅବଗତ ହେବା।

ପ୍ରତ୍ୟେକ ଚିନ୍ତନ ପ୍ରକ୍ରିୟା ଅନ୍ତରାଳରେ କାର୍ଯ୍ୟକରୁଥାଏ ମଣିଷର ଜୈବିକ ପ୍ରବୃତ୍ତି। ଭୂ- ଭୂଗୋଳ ସୀମା ଅତିକ୍ରମୀ ମଣିଷର ଏହି ଚିନ୍ତନ ପ୍ରକ୍ରିୟା ; ଯାହା ମାନବୀୟ ଜୈବିକ ପ୍ରକ୍ରିୟାର ଅଂଶ ବିଶେଷ, ତାର ଏକ ସମାନ୍ତରାଳ ଅର୍ଥପୂର୍ଣ୍ଣ ଅଭିବ୍ୟକ୍ତି ଆମେ ଉପଲବ୍ଧି କରିଥାଉ। ଏହି ଅଭିବ୍ୟକ୍ତିଟି ନିର୍ଦ୍ଦିଷ୍ଟ ଭୌଗୋଳିକ - ସଂସ୍କୃତି ଦ୍ୱାରା ପରିପୁଷ୍ଟ ଓ ପରିଶୀଳ ହୋଇଥିଲେ ମଧ୍ୟ ଅନ୍ୟ ଭୂମିଖଣ୍ଡକୁ ଏହାର ସଂଚରଣ ହେତୁ ପରିବର୍ତ୍ତିତ ହେବା ସ୍ୱାଭାବିକ। ଏହି ସଂଚରଣ ପ୍ରକ୍ରିୟାଟିର ମାଧ୍ୟମ ବହୁବିଧ ରୂପରେ ଆମ ନିକଟରେ ଉଦ୍‌ଭାସିତ। ବେପାର ବଣିଜ

ଏ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ତେବେ ଗୋଟିଏ ଭୂମିଖଣ୍ଡରୁ ଅନ୍ୟ ଏକ ଭୂମିଖଣ୍ଡକୁ ଯାତ୍ରାକରୁଥିବା ଭ୍ରମଣପ୍ରିୟ କୌଣସି ବ୍ୟକ୍ତି ବିଶେଷର ଭୂମିକାକୁ ଅସ୍ୱୀକାର କରାଯାଇନପାରେ । ଏହି ଭ୍ରମଣ ପ୍ରିୟ ମଣିଷଟି ସାଂସ୍କୃତିକ ସେତୁ ନିର୍ମାଣରେ ସହାୟକ ହୋଇଥାଏ । ବ୍ୟବସାୟ ବଣିଜ କ୍ଷେତ୍ରରେ ଆର୍ଥନୀତିକ ସଂପର୍କ ସହିତ ଯୋଡ଼ି ହୋଇଯାଇଥାଏ ଭାଷା, ସାହିତ୍ୟ ଓ ସଂସ୍କୃତି । ପୁଞ୍ଜିର ବିଶ୍ୱ ଉଡ଼ାଣ କ୍ଷେତ୍ରରେ ସୃଷ୍ଟିହୋଇଥିବା ଉପନିବେଶିକ ଏବଂ ଉପନିବେଶିତ ସ୍ଥିତି ଓ ଏହା ଦ୍ୱାରା ସୃଷ୍ଟି ହୋଇଥିବା ସାଂସ୍କୃତିକ ଆଧିପତ୍ୟ ଏକ ମିଶ୍ର ସଂସ୍କୃତିକୁ ଜନ୍ମ ଦେଇଥାଏ । ତେଣୁ ପାରସ୍ପରିକ ପ୍ରଭାବ ଓ ପ୍ରତିକ୍ରିୟା ଏଥିରେ ଦେଖିବାକୁ ମିଳେ । ବିଶ୍ୱ ସହିତ ନିଜକୁ ସଂଯୋଜିତ କରିବାର ମାନସିକତା ବହନ କରୁଥିବା ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତ ଭାବେ ଅନ୍ୟ ଭୂଖଣ୍ଡକୁ ନିଜର ପିତୃଦେଶ ବୋଲି ମନେ କରିଥାଏ ଓ ବିନା ଦ୍ୱିଧାରେ ସେଠାରେ ଅବସ୍ଥାନ କରିଥାଏ । ଏହି ଅବସ୍ଥାନ ସମୟରେ ଅନ୍ୟର ସାଂସ୍କୃତିକ ସଂପଦ ସହିତ ଭାଗୀଦାର ହେବା ପାଇଁ ପରୋକ୍ଷ ଓ ପ୍ରତ୍ୟେକ୍ଷ ଭାବେ ଭୂମିକା ନିର୍ବାହ କରେ, ତେଣୁ ଏହି ତିନୋଟି ମାଧ୍ୟମରେ ନୃ-ବିଦ୍ୟାଟି ବିଶ୍ୱ ପରିଭ୍ରମଣ କରିଥାଏ । ସେଥିପାଇଁ, ଧର୍ମ, ସାହିତ୍ୟ, ସଂସ୍କୃତି ସହିତ ଲୋକବିଦ୍ୟା, ଲୋକ କଳା ଓ ଲୋକାଚାର ମୌଳିକ ଉପଦାନ ଗୁଡ଼ିକ, ବିଶ୍ୱର ସର୍ବତ୍ର ଭିନ୍ନ ଭିନ୍ନ ଭାବେ ପ୍ରତିକିତ ହେଉଥିଲେ ମଧ୍ୟ, ସୂକ୍ଷ୍ମରେ ସାମ୍ୟ ପରିଲକ୍ଷିତ । ତେଣୁ ଯେଉଁମାନେ ବିଶ୍ୱସାହିତ୍ୟ ତତ୍ତ୍ୱ ସହିତ ନିଜ ସାହିତ୍ୟକୁ ଆକଳନ କରିଥାନ୍ତି ସେମାନଙ୍କ ପୁରୋଦୃଷ୍ଟିରେ ଏହା ଲକ୍ଷ୍ୟ କରାଯାଏ । ବିଶ୍ୱ ମଧ୍ୟରେ ନିଜର ଅସ୍ତିତ୍ୱ ନିରୂପଣ ଓ ନିଜ ଭିତରେ ବିଶ୍ୱଦର୍ଶନ ପ୍ରକ୍ରିୟା ହେଉଛି ତୁଳନାତ୍ମକ ଅଧ୍ୟୟନ/ ପଦ୍ଧତିର ଏକ ଗୁରୁତ୍ୱପୂର୍ଣ୍ଣ କଥା । ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ଏକ ନିର୍ଦ୍ଦିଷ୍ଟ ଭାଷାରେ ସଂରଚିତ ସାହିତ୍ୟ ମଧ୍ୟରେ ହୋଇପାରେ କିମ୍ୱା ଅନ୍ୟ ଭାଷାରେ ସୃଜନ କର୍ମ ସହିତ ହୋଇପାରେ । ସେଥିପାଇଁ ଏହାର ମୁଖ୍ୟ ପ୍ରସଙ୍ଗଟି ହେଲା ଭୌଗୋଳିକ ସୀମା ଅତିକ୍ରମୀ ଭିନ୍ନ ଭାଷାରେ ସଂରଚିତ ସୃଜନକଳା ସହ ଅନ୍ୟ ଭାଷାରେ ସଂରଚିତ ସୃଜନ କର୍ମ ଭିତରେ ସାମ୍ୟ/ ବୈଷମ୍ୟ ଆକଳନ କରିବା । କାରଣ, ଦୁଇ ଭିନ୍ନ ସାଂସ୍କୃତିକ ପରିମଣ୍ଡଳରୁ ଉତ୍ପନ୍ନ ସୃଜନ କର୍ମଭୂମିର ବିଚାର ବିଶ୍ଳେଷଣ ଉପରେ ଯେଉଁ ସାଂସ୍କୃତିକ ସାମ୍ୟତାର ପ୍ରଶ୍ନ ଚିହ୍ନଟିଏ ଅଙ୍କିତ ହୋଇଥାଏ ତାର ଏକ ପ୍ରଜାତୀୟ ତତ୍ତ୍ୱ ଆମେ ଉପଲବ୍ଧ କରୁ । ତେଣୁ ଏହି ଆନ୍ତଃ ସାଂସ୍କୃତିକ ଅଧ୍ୟୟନ ପରିପ୍ରେକ୍ଷୀରେ ସୃଷ୍ଟି ହୋଇଥିବା ସୃଜନକଳା ଓ ସ୍ରଷ୍ଟାର ଆଭିମୁଖ୍ୟକୁ ବିଶ୍ଳେଷଣ କରିବାରେ ପ୍ରୟୋଜନ ରଖିଥାଏ ତୁଳନାତ୍ମକ ପଦ୍ଧତି । ଏତଦ ବ୍ୟତୀତ କେଉଁ ଆର୍ଥ- ସାମାଜିକ ଓ ଜୈବ - ରାଜନୀତିରୁ ଉତ୍ପନ୍ନ ସାହିତ୍ୟକର୍ମଟି କିପରି ଓ କେଉଁ ପ୍ରେକ୍ଷାପଟ୍ଟେ ଅନ୍ୟ ସାହିତ୍ୟ ସହିତ ସାମଞ୍ଜସ୍ୟ ରଖିଥାଏ, ତାର ଏକ ମୌଳିକ ଦୃଷ୍ଟି ଉନ୍ମୋଚନ କରିଥାଏ ତୁଳନାତ୍ମକ ସାହିତ୍ୟ ପଦ୍ଧତି । ଏହି ପରିପ୍ରେକ୍ଷୀରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିଚାର କରାଯାଇପାରେ । ଇଂରେଜ ଉପନିବେଶିକ ଶାସନ ବ୍ୟବସ୍ଥା ମଧ୍ୟରେ ସୃଷ୍ଟି ହୋଇଥିବା ଦୁଇ ଭିନ୍ନ ଭାଷାରେ ସାହିତ୍ୟର ସ୍ୱରୂପ ଏବଂ ସମକାଳୀନ ଉପନିବେଶିକ ଶକ୍ତିକୁ ପରିଚାଳନା କରୁଥିବା ଭୂଖଣ୍ଡରେ ସୃଷ୍ଟି ହୋଇଥିବା ସାହିତ୍ୟ ମଧ୍ୟରେ ଯେତେବେଳେ ସାମ୍ୟ ଓ ବୈଷମ୍ୟର କଥା ପଡ଼େ ସେତେବେଳେ ଏହାଙ୍କ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ କେତେଦୂର ସମ୍ଭବ । ତେଣୁ ଏହି ପ୍ରଶ୍ନ ମୂଳରେ ସୃଷ୍ଟି ହୋଇଥିବା ସଂକେତଟିକୁ ଚିହ୍ନିବା ତାର ଦିଗ ନିରୂପଣ କରିବା ଏବଂ ସର୍ବୋପରି ତାର ସ୍ୱରୂପକୁ ପ୍ରକାଶ କରିବା ପାଇଁ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ପ୍ରସଙ୍ଗଟି ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ମନେ ହୁଏ ।

ରେନେୱ୍ୱାଲେକ ଏବଂ ୱ୍ୱରେନ ଦାବୀ କରନ୍ତି ଯେ, ବିଶ୍ୱସାହିତ୍ୟ ଏକ, ଯାହାର ପରିପ୍ରକାଶ ମାଧ୍ୟମ ହେଉଛି ଚିତ୍ରକଳା ଏବଂ ମାନବିକତା ଏକ ଓ ଅଭିନ୍ନ, ଯେହେତୁ ସମସ୍ତେ ଗୋଟିଏ ସାରଣୀର ପଥିକ। ଯାହାର ଲକ୍ଷ୍ୟ ହେଲା, ସମଗ୍ର ବିଶ୍ୱର ଭାବାବେଗକୁ ଉଦ୍ଦୀପ୍ତ କରିବା ଓ ତାର ପରିପ୍ରକାଶ ନିମନ୍ତେ ସାମଗ୍ରିକ ଜୀବନବୋଧକୁ ଅନୁଶୀଳନ କରିବା। ଏହି ପ୍ରସଙ୍ଗରେ ଆରନୋଲଡ଼ ଏହି ମତ ସହ ଏକମତ ହୋଇପାରନ୍ତି ନାହିଁ। କାରଣ ଐତିହାସିକ ପ୍ରେକ୍ଷାପଟ୍ଟରେ, ଧାର୍ମିକ ଅନୁଚିନ୍ତାରେ ସାଂସ୍କୃତିକ ଅଭିଚେତନା କ୍ଷେତ୍ରରେ, ରାଜନୀତିକ, ଭୌଗୋଳିକ, ଭାଷାତାତ୍ତ୍ୱିକ ପରିପ୍ରେକ୍ଷୀରେ ଏକତ୍ରିତ ହୋଇ ପରସ୍ପର ସହିତ ଏକ ସମ୍ବେଦନଶୀଳ ଜୀବନବୋଧ ବଂଚିବା ଓ ପରସ୍ପରକୁ ସମ୍ମାନ ପ୍ରଦର୍ଶନ ଓ ସହିଷ୍ଣୁ ହେବାର ନିଦର୍ଶନ ପାଇବା ଅସମ୍ଭବ ବୋଲି ଆରନୋଲଡ଼ ମତ ଦେଇଛନ୍ତି।

ବିଶ୍ୱର ସମସ୍ତ ସାହିତ୍ୟ ହେଉଛି ମାନବୀୟ ସମ୍ବଳ ଉପରେ ଆଧାରିତ ଅଭିବ୍ୟକ୍ତିର ଇତିହାସ। ଏହି ଇତିହାସ ଭିତରେ ଲୁଚି ରହିଥିବା ମାନବୀୟ ସତ୍ୟ ପରବର୍ତ୍ତୀ ପିଢି ପାଇଁ ଆଲୋକ ବର୍ତ୍ତିକା ସାଜିଛି। ଏହା ଏକ ପ୍ରକ୍ରିୟା, ଯାହାକୁ ଭିତ୍ତିକରି ସାହିତ୍ୟର ସ୍ତୁପ ନିର୍ମିତ ହୋଇଥାଏ। ସେଇ ସ୍ତୁପ ଭିତରୁ ଆମକୁ ଅନ୍ୱେଷଣ କରିବାକୁ ପଡ଼େ ଦେଶ, କାଳ, ପାତ୍ର ଭେଦରେ ମାନବ ସଭ୍ୟତାର ସାରାଂଶ ସାର ତତ୍ତ୍ୱଟିକୁ। ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ପ୍ରେକ୍ଷାପଟ୍ଟରେ ଏହି ସାଂରାଶ ସାର ତତ୍ତ୍ୱର ଭୂମିକା ଉଲ୍ଲେଖନୀୟ। କାରଣ କେତେକ ପ୍ରଣମ୍ୟ ଯୋଗ୍ୟ ବ୍ୟକ୍ତି ବିଶେଷ ଯଥା ରବୀନ୍ଦ୍ରନାଥ ଓ ତାଙ୍କ ସମକାଳୀନ ଆଲୋଚକ ନିମନ୍ତେ, ସାହିତ୍ୟ ହେଉଛି ବିଶ୍ୱ ଇତିହାସ ସହ ଯୋଡ଼ି ହେବାର ଏକ ପ୍ରକ୍ରିୟା। ରେନେୱ୍ୱାଲେକ ଏବଂ ୱ୍ୱାରେନ ମଧ୍ୟ ଅନୁରୂପ ଭାବେ ସାହିତ୍ୟକୁ ଏକ ବିଶ୍ୱଗ୍ରାମର ରୂପରେଖ ଦେବାପାଇଁ ମତ ପୋଷଣ କରିଛନ୍ତି। ସେମାନେ କହନ୍ତି, ବିଶ୍ୱର ସମସ୍ତ ସାହିତ୍ୟ, କଳାଚର୍ଚ୍ଚା ଏବଂ ମାନବିକତା ଏକ ଯାହା, ଭବିଷ୍ୟତର ସାହିତ୍ୟ ଅଧ୍ୟୟନ ନିମନ୍ତେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ନବ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ସ୍ୱୀକାର କରେ ଯେ, ପୂର୍ବ ଓ ପଶ୍ଚିମ ଅର୍ଥାତ୍ ପାଚ୍ୟ ଓ ପାଶ୍ଚାତ୍ୟରେ ସୃଷ୍ଟି ହେଉଥିବା ସାହିତ୍ୟ ଏକତ୍ର ମିଳିତ ହୋଇ ଗୋଟିଏ ନୂତନ ବାର୍ତ୍ତା ପ୍ରଦାନ ସହିତ, ବିଶ୍ୱର ଏକ ଅର୍ଥପୂର୍ଣ୍ଣ ବାର୍ତ୍ତାଳାପ ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିଥାନ୍ତି। ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ଏହି ବ୍ୟାପକ ପୁରୋଦୃଷ୍ଟି କିନ୍ତୁ ପ୍ରାଥମିକ ପର୍ଯ୍ୟାୟରେ, ବିଶେଷ କରି ଫ୍ରାନସରେ ତୁଳନାତ୍ମକ ଅଧ୍ୟୟନ ନିଜକୁ ସୀମିତି କରିଥିଲା। ସେମାନଙ୍କ ଦୃଷ୍ଟିରେ, ଇତିହାସର ପୃଷ୍ଠଭୂମି ଉପରେ ପ୍ରତିଷ୍ଠିତ ସାହିତ୍ୟର ମୂଲ୍ୟ ଆକଳନ ଅହେତୁକ। ଅପର ପକ୍ଷରେ, ଆମେରିକାର ତୁଳନାତ୍ମକସାହିତ୍ୟ ଅଧ୍ୟୟନର କ୍ଷେତ୍ର ସାହିତ୍ୟକୁ ଗୋଟିଏ ପଟରେ ରଖି ଧର୍ମ, ଦର୍ଶନ, ମନସ୍ତତ୍ତ୍ୱ ଆଦି ବିଦ୍ୟାର ତୁଳନାତ୍ମକ ଅଧ୍ୟୟନ ଅନ୍ୟ ପଟରେ ରଖିଥିଲା। ତେବେ ଏହି ଦୁଇଟି ଅଧ୍ୟୟନ କ୍ଷେତ୍ରରୁ (ଫ୍ରାନସ/ ଆମେରିକା) ଜଣାପଡ଼େ ଯେ ଇତିହାସ ସହିତ ସାହିତ୍ୟର ସଂପର୍କ ରହୁ କିମ୍ବା ନରହୁ କିନ୍ତୁ ଏହି ବିଷୟ ଚିନ୍ତନ ପ୍ରକ୍ରିୟାର ସମ୍ମିଳିତ ଉଦ୍ୟମ ହେବା ବାଂଛନୀୟ।

୧୮୪୮ ପୂର୍ବରୁ ତୁଳନାତ୍ମକ ସାହିତ୍ୟ ଯେଉଁ ସଂଦିଗ୍ଧ ଅର୍ଥରେ ବ୍ୟବହୃତ ହେଉଥିଲା ତାର ପରିସମାପ୍ତି ଘଟାଇ ଏହାର ଏକ ସ୍ୱଚ୍ଛ ଅବଧାରଣା ସୃଷ୍ଟି କରାଇବାରେ ମାଥ୍ୟୁ ଆରନୋଲଡ଼ଙ୍କ ପତ୍ର ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେ କୁହନ୍ତି, ତୁଳନାତ୍ମକ ସାହିତ୍ୟର ଅର୍ଥ ନୁହେଁ ଯେ ଅନ୍ୟ ସାହିତ୍ୟ ସହ ସମାନ୍ତରାଳ ଭାବେ ତୁଳନା କରିବା। ତେବେ ଏ କ୍ଷେତ୍ରରେ ବିଜ୍ଞାନ ଭିତ୍ତିକ ତୁଳନାତ୍ମକ ଆଲୋଚନାରେ ପୋସନେଟଙ୍କ ଯୁକ୍ତିଭିତ୍ତିକ ମନ୍ତବ୍ୟ ଅତୁଳନୀୟ।

ଲେନ କୁପର ତୁଳନାତ୍ମକ ସାହିତ୍ୟର ସଂଜ୍ଞା ନିରୂପଣରେ ସଂଦିଗ୍ଧ ଭାବ ପୋଷଣ କରି କହିଥିଲେ ଯେ, ଏହାର କୌଣସି ଭାବ ନାହିଁ କିମ୍ବା ଏହାକୁ ବ୍ୟାଖ୍ୟା କରିବାକୁ ଏକ ନିର୍ଦ୍ଧାରିତ ବାକ୍ୟ ସଂରଚନା କରାଯାଇପାରିବ ନାହିଁ। ତେଣୁ କର୍ଣ୍ଣେଲ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠିତ ତୁଳନାତ୍ମକ ବିଭାଗର ନାମ ଦେଇଥିଲେ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ। ସାହିତ୍ୟ ହେଉଛି ସୃଜନକ୍ଷମ ପ୍ରତିଭାଙ୍କ ଚିନ୍ତା ସର୍ବସ୍ୱର ପରିପ୍ରକାଶ। ଏହି ଚିନ୍ତା ଅନ୍ୱେଷଣ ସର୍ବଦା ସମାଜଧର୍ମୀ। ଏକାଧିକ, ଏହି ସୃଜନଶୀଳ ସାହିତ୍ୟର ପାରସ୍ପରିକ ସଂପର୍କ ନିରୂପଣ ଓ ତାର ଗଭୀର ଅଧ୍ୟୟନ ମୂଳରେ ଯେଉଁ ପ୍ରତ୍ୟୟଟି କାର୍ଯ୍ୟ କରୁଥାଏ, ତାହା ହେଉଛି ତୁଳନାତ୍ମକ ସାହିତ୍ୟର ଅବଧାରଣା ନିର୍ଣ୍ଣୟ ନିମନ୍ତେ ଅଭିପ୍ରେତ। ବିଶ୍ୱ ଭୂଗୋଳରେ ଅବସ୍ଥାପିତ ସାହିତ୍ୟ କର୍ମଟି ଅନବରତ ତଥା ଅବିରାମ ଭାବେ ଗତିଶୀଳ ହୋଇଥାଏ। ପ୍ରାଦେଶିକ ସ୍ଥଳରୁ ବିଶ୍ୱାଭିମୁଖୀ ହେବାର ଏହି ନିରବଚ୍ଛିନ୍ନ ପ୍ରକ୍ରିୟାକୁ ଚିହ୍ନିବା ଓ ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ ନିମନ୍ତେ ଉଦ୍ୟମ ଅବ୍ୟାହତ ରଖିବା ତଥା ସେହିସବୁ ଜାବତୀୟ କ୍ରିୟା ପ୍ରକ୍ରିୟାକୁ ଏକକ ମାଳାରେ ଗୁନ୍ଥି ରଖିବାର ଉଦ୍ୟମ ହେଉଛି, ଗେଟେଙ୍କ ଭାଷାରେ Welt literature ଏବଂ ରବୀନ୍ଦ୍ରନାଥଙ୍କ ଭାଷାରେ ବିଶ୍ୱ ସାହିତ୍ୟ। ଏହି ବିଶ୍ୱ ସାହିତ୍ୟ, ଆଧୁନିକ ସଂଜ୍ଞା ଅଭିଧାରେ ନିରୂପିତ ହେବାର ବହୁ ପୂର୍ବରୁ ଥିଲା। ତା ନହୋଇଥିଲେ, ରେନେସାଁ ସମୟରେ ପାଶ୍ଚାତ୍ୟ ଜ୍ଞାନ ଚର୍ଚ୍ଚାର ବିପୁଳ ଆୟତନ ପରିଦୃଷ୍ଟ ହେବା ମୂଳରେ ଗ୍ରୀକ୍‌ର ଅବଦାନ ନଥାନ୍ତା କିମ୍ବା ସକ୍ରେଟିସ୍‌ଙ୍କ ଠାରୁ ଆରମ୍ଭ କରି ସିମୋନ ଡି ବେଭୁଆଙ୍କ ପର୍ଯ୍ୟନ୍ତ ସେହି ଅଦୃଶ୍ୟ ଜ୍ଞାନ ବିଚାରର ସମଗ୍ର ବିଶ୍ୱ ଅଂଶୀଦାର ହୋଇନଥାନ୍ତା। ସେଥିପାଇଁ ଏଫ୍.ଡ଼ବ୍ଲ୍ୟୁ. ରଣ୍ଡଲାର ଯଥାର୍ଥରେ କହିଛନ୍ତି, ତୁଳନାତ୍ମକ ସାହିତ୍ୟ ପଦ୍ଧତି ବିଶ୍ୱଜନଙ୍କର ଚିନ୍ତନ ଠାରୁ ଅଧିକ ପ୍ରାଚୀନ।

ପ୍ରାଦେଶିକ ଭାଷା ଓ ସାହିତ୍ୟର ବିକାଶ ମୂଳରେ କାର୍ଯ୍ୟ କରିଛି ଜାତୀୟତା ବୋଧ। ସାହିତ୍ୟ ତତ୍ତ୍ୱର ସାଧାରଣୀକରଣ ତଥା ରେନେସାଂର ଅପ୍ରତିହିତ ପ୍ରଭାବ ଓ ପ୍ରତିକ୍ରିୟା ହେତୁ ବିଶ୍ୱ କ୍ରମଶ ସଂକୁଚିତ ହେବା ସହ ବିଶ୍ୱର ସାହିତ୍ୟ ମଧ୍ୟ ପ୍ରତିଟି ଭୂଖଣ୍ଡରେ ଉପଲବ୍ଧି ହେଲା। ଫଳରେ ଦେଶ ଦେଶାନ୍ତର ନଭ୍ରମି ମଧ୍ୟ ସେ ଦେଶର ସାହିତ୍ୟ ସଂପର୍କରେ ଜାଣିବାର ସୁଯୋଗ ସୃଷ୍ଟି ହେଲା। ଏଥି ସହିତ ବିଶ୍ୱର ବହୁ ଖ୍ୟାତନାମା ବିଶ୍ୱବଦ୍ୟାଳୟରେ ତୁଳନାତ୍ମକ ସାହିତ୍ୟ ବିଭାଗ ସୃଷ୍ଟି ହୋଇ ମାନବିକତାର ଐକ୍ୟବୋଧ ପ୍ରତିଷ୍ଠା ନିମନ୍ତେ ଯତ୍ନଶୀଳ ହେଲେ।

ପ୍ରତ୍ୟେକ ବିଦ୍ୟା ପରି ତୁଳନାତ୍ମକ ସାହିତ୍ୟର ସଂଜ୍ଞା ବେଶ ରୋଚକ ପୂର୍ଣ୍ଣ ଓ ଭାବୋଦ୍ଦୀପକ। ପୋସନେଟ କହନ୍ତି, Comparative Literature means the general theory of literary evolution, the ideas that literature passes through stages of inception, culmination and decline. (Comparative literature - 1886) ଏମ୍.ଏଫ. ଗେୟାର୍ଡ଼ କୁହନ୍ତି, Comparative literature is the history of international literary relations (Laliterature comparee, 1951) ତେବେ ଏକବିଂଶ ଶତକରେ ଯେତେବେଳେ ବିଶ୍ୱାୟନର ପ୍ରସଙ୍ଗ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ଏହି ଶତକର ଜଣେ ବିଶିଷ୍ଟ ଚିନ୍ତାବିତ୍ ଗାୟତ୍ରୀ ସ୍ପିଭାକ ଚକ୍ରବର୍ତ୍ତୀ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ସଂପର୍କରେ କହନ୍ତି :

"Comparative Literature and Area Studies can work together in the fostering not only of national literature of the global faith but also of the writing of countless indigenous language in the world that were programmed to vanish when the maps were made...... there is nothing necessarily new about the new Comparative Literature. None less, I must acknowledge that the times determine how the necessary, vision of comparativity will play out Comparative Literature must always cross borders." (Death of a Discipline, Page - 15 -16)"

ରେନେୱେଲେକ କୁହନ୍ତି – "Works of Literature are monuments not documents. They are immediately accessible to us today ; they challenge us to seek an understanding in which knowledge of the historical setting or the place in a literary tradition may figure, but not exclusively or exhaustively. The three main branches of literary study - history, theory, and criticism - involve each other, just as the study of a national literature cannot be divorced from the study of the totality of literature, at least in idea, comparative literature can and will flourish only if it shakes off artificial limitations and becomes simply the study of literature."(Discriminations : Further concepts of criticism, p - 20)"

ରେନେୱେଲେକ ଏବଂ ଗାୟତ୍ରୀ ସ୍ପିଭାକଙ୍କ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ଓ ପଦ୍ଧତି ସଂପର୍କିତ ମନ୍ତବ୍ୟକୁ ଅନୁଧ୍ୟାନ କଲେ ମନେହୁଏ ଯେ, ୱେଲେକ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ପଦ୍ଧତି/ ଅଧ୍ୟୟନକୁ ବିଂଶ ଶତକ ବିଶ୍ୱର ଆର୍ଥ- ସାମାଜିକ ଦୃଷ୍ଟିରେ ହେଉଥିବା ଜ୍ଞାନ ଚର୍ଚ୍ଚାର ଭିତ୍ତିଭୂମିକୁ ଗ୍ରହଣ କରିଛନ୍ତି । ଅପର ପକ୍ଷରେ ଗାୟତ୍ରୀ ସ୍ପିଭାକ ଏକବିଂଶ ଶତକର ବିଶ୍ୱାୟନ ପ୍ରେକ୍ଷାପଟ୍ଟରେ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ପରିସରକୁ ବ୍ୟାଖ୍ୟା କରିଛନ୍ତି । ଏଥିରେ ସ୍ପଷ୍ଟ ଅନୁମିତ ହୁଏ ଯେ, ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ଯୁଗାନୁସାରେ ନିଜର ପରିସର ତଥା ତାର ସଂଜ୍ଞା, ଆଭିମୁଖ୍ୟ, ଓ ପଦ୍ଧତିରେ ମାନଦଣ୍ଡକୁ ବଦଳାଇଥାଏ, ତେଣୁ ପ୍ରତ୍ୟେକ ବିଦ୍ୟାର ସ୍ଥିତି- ସ୍ୱାତନ୍ତ୍ର୍ୟ, ତାର ସଂଜ୍ଞା, ଆଭିମୁଖ୍ୟ, ପରିସର ଓ ପଦ୍ଧତିରେ ସ୍ଥିରତା ଦ୍ୱାରା ଅନୁଭୂତ ହୁଏ ନାହିଁ । କାରଣ ସ୍ଥିରତା ସର୍ବଦା ରଢ଼ିବାଦୀ ପରଂପରା ଆଡ଼କୁ ଅଗ୍ରସର ହୋଇଥାଏ ; ଯାହା ପ୍ରଗତି କାମୀ ଆଭିମୁଖ୍ୟର ବାଧକ । ସେଥିପାଇଁ ଏସ୍. ଏସ୍ ପ୍ରୋଏ କୁହନ୍ତି ଯେ, "ଏକାଧିକ ଭାଷାର ସାହିତ୍ୟ ତତ୍ତ୍ୱ ଓ ସମାଲୋଚନାର ସ୍ୱରୂପ ନିର୍ଣ୍ଣୟ ପାଇଁ ତୁଳନାତ୍ମକ ସାହିତ୍ୟକୁ ଏକ ପରୀକ୍ଷା ଭାବରେ ପ୍ରୟୋଗ କରାଯାଇଛି । " ଆମେ ଜାଣୁ, ତୁଳନାତ୍ମକ ସାହିତ୍ୟର ଲକ୍ଷ୍ୟ ବିଶ୍ୱ ସାହିତ୍ୟର ମାନଦଣ୍ଡକୁ ସୁଦୃଢ଼ କରିବା । ଆଞ୍ଚଳିକ ସାହିତ୍ୟକୁ ବିଶ୍ୱସ୍ତରରେ ପରିଚିତ କରାଯାଇଥାଏ ତୁଳନାତ୍ମକ ସାହିତ୍ୟ ପଦ୍ଧତି ।

Edward M. Anthony ତୁଳନାତ୍ମକ ସାହିତ୍ୟ ଅଭିପ୍ରାୟ ଓ ପଦ୍ଧତି ସଂପର୍କରେ କୁହନ୍ତି। ଅନ୍ୟ ପକ୍ଷରେ ଯେଉଁମାନେ ତୁଳନାତ୍ମକ ସାହିତ୍ୟକୁ ଏକ ସାହିତ୍ୟିକ ପ୍ରତ୍ୟୟ (ବିଶ୍ୱ ସାହିତ୍ୟ) ଲାଭର ମାଧ୍ୟମ ବୋଲି ବିଚାରନ୍ତି, ସେମାନେ ଏହି ଉପଶମ ଅନୁସାରୀ ବିଧିବଦ୍ଧ ପଦ୍ଧତି - ତତ୍ତ୍ୱ ଓ ପ୍ରୟୋଗ ଉପାୟ (Technique) ନିର୍ଣ୍ଣୟ କରନ୍ତି। ବିଧିବଦ୍ଧ ପଦ୍ଧତି କହିଲେ ବୁଝାଏ ନିର୍ଦ୍ଧାରିତ କ୍ରମ ଓ କୌଶଳାନୁଲମ୍ବନ ପୂର୍ବକ ବିଷୟାନୁଶୀଳନ। ପଦ୍ଧତି ସର୍ବଦା ଉପଶମର ସାଭିପ୍ରାୟିକ ହୋଇଥାଏ ଏବଂ ଉପାୟଦ୍ୱାରା କାର୍ଯ୍ୟକାରୀ ହୁଏ।" ସେହିପରି ଲିଲିଆନ ଫଷ୍ଟଙ୍କ ମନ୍ତବ୍ୟ ଉଦ୍ଧାର କରି ଖଗେଶ୍ୱର ମହାପାତ୍ର ତୁଳନାତ୍ମକ ସାହିତ୍ୟର ଆଭିମୁଖ୍ୟ ଓ ପରିସର ସଂପର୍କରେ କୁହନ୍ତି, "ତୁଳନାତ୍ମକ ସାହିତ୍ୟର ଆଭିମୁଖ୍ୟ ସାରା ବିଶ୍ୱସାହିତ୍ୟର ଐକୀ ସନ୍ଦର୍ଶନ ହୋଇଥିବାରୁ ଏହାର ଉପଶମ ବୈଷମ୍ୟ ନିର୍ଦ୍ଧାରଣ ମୂଳକ (ନେତି ବାଚକ) ନହୋଇ ସାମ୍ୟାନୁସନ୍ଧାନ ମୂଳକ, ପଦ୍ଧତି ବିଶ୍ଳେଷଣାତ୍ମକ ସ୍ତରରୁ ସଂଶ୍ଳେଷଣାଭିମୁଖୀ ଏବଂ ଏହାର ଉପାୟ - ଏକାଧିକ ସାହିତ୍ୟ (ଅନୁବାଦ ମାଧ୍ୟମରେ ହେଉପଛେ) ଅଧ୍ୟୟନ ପ୍ରତି ସାହିତ୍ୟର ସାମାଜିକ, ସାଂସ୍କୃତିକ, ଐତିହାସିକ ପୃଷ୍ଠଭୂମି ଅବଲୋକନ, ପାରସ୍ପରିକ ସଂପର୍କ (ପ୍ରଭାବ, ବିନିମୟ, ଅନୁକରଣ, ଅପହରଣର ବଶତଃ) ନିରୂପଣ, ଆହରଣର ସୂତ୍ର ଏବଂ କରିବାର କାରଣ ଅନୁସନ୍ଧାନ, ଦାତା ସାହିତ୍ୟର ମହନୀୟତା ଠାରୁ ଗ୍ରହୀତା - ସାହିତ୍ୟର ଆବଶ୍ୟକତାର ସମର୍ଥନ, ଆହରଣ ଓ ତାର ସ୍ୱାଭାବୀକରଣ ପ୍ରକ୍ରିୟା ଅନୁଧ୍ୟାନ, ପ୍ରତି ସାହିତ୍ୟର (ଲେଖକ, କୃତି, ଭାଷା, ଜାତି, ସଂସ୍କୃତି ଭିତ୍ତିକ) ବୈଶିଷ୍ଟ୍ୟ ସ୍ୱୀକରଣ, ଗୁଣାତ୍ମକ ତାରତମ୍ୟର ବିଚାର (ଯେତେଦୂର ସମ୍ଭବ) ପରିବର୍ଜନ, ବିଭିନ୍ନ ସାହିତ୍ୟ ମଧ୍ୟରେ ଆନୁବଂଶିକ ସମଧର୍ମିତା ସଂସ୍ଥାପନ, ଏକ ଜାତିର ସାହିତ୍ୟରେ ପ୍ରତିଫଳିତ ଅନ୍ୟ ଜାତିର ଭାବମୂର୍ତ୍ତିର ବିକଳନ, କଥାର ସୂତ୍ର ଓ ଦେଶାନ୍ତରରେ ସଂକ୍ରମଣ (Migration of motifs) ର ଧାରା ଅନୁସରଣ, ଅସ୍ତରଣଗତ ଭିନ୍ନତା ମଧ୍ୟରେ ଆନ୍ତରୀଣ ସମତା ନିରୂପଣ, ଦ୍ୱନ୍ଦ୍ୱାତ୍ମକ (Dialectical) ରୀତିରେ ସହ ସମ୍ବନ୍ଧ ସନାକ୍ତକରଣ ଇତ୍ୟାଦି ଇତ୍ୟାଦି।" (ସମାଲୋଚନାର ଦିଗଦିଗନ୍ତ, (ପୃ-୮୧))

ତୁଳନାତ୍ମକ ସାହିତ୍ୟର ଆଲୋଚକମାନେ ଏହାକୁ ଜାତି, ପରିବେଶ ତଥା କାଳ ପରିପ୍ରେକ୍ଷୀରେ ଗୋଟିଏ ସ୍ଥାନ ଉପରେ ଏକ ସଂସ୍ଥା ଭାବରେ ବିଚାର କରନ୍ତି। ଇତିହାସବିତ୍ ଜେ.ଏମ୍ କାରେ କୁହନ୍ତି, ତୁଳନାତ୍ମକ ସାହିତ୍ୟ, ସାହିତ୍ୟ ଇତିହାସର ଏକ ଶାଖା, ଯାହା ସାହାଯ୍ୟରେ ଆନ୍ତର୍ଜାତୀୟ ସଂପର୍କର ଗଭୀର ଅଧ୍ୟୟନ ଓ ଘଟଣାବଳୀର ସଂପର୍କ ନିରୂପଣ କରାଯାଏ। ଏଥିରୁ ଜଣାଯାଏ ଯେ, ତୁଳନାତ୍ମକ ସାହିତ୍ୟ ଓ ସାଧାରଣ ସାହିତ୍ୟ ମଧ୍ୟରେ ଏକ ବିଭାଜନ ଟାଣିବା ସମ୍ଭବ ନୁହେଁ। ମାତ୍ର କେତେକ କ୍ଷେତ୍ରରେ କିଛି କିଛି ପାର୍ଥକ୍ୟ ପରିଲକ୍ଷିତ। ସାଧାରଣ ସାହିତ୍ୟରେ କେତେକ ସ୍ଥଳରେ ବିଶୃଙ୍ଖଳା ଦେଖାଦେଇଥାଏ। ଯଥା - ଅର୍ଥ, ସାହିତ୍ୟ ତତ୍ତ୍ୱ, ଅଳଙ୍କାର ପ୍ରୟୋଗ ପ୍ରଭୃତି, ମାତ୍ର ତୁଳନାତ୍ମକ ସାହିତ୍ୟର ଦ୍ୱୈତ ସଂପର୍କ ଥିବାରୁ ଏପରି ବିଶୃଙ୍ଖଳା ପରିଲକ୍ଷିତ ହୁଏ ନାହିଁ। କାରଣ ଏଥିରେ କେବଳ ଅର୍ଥ ବୋଧକ ଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆନଯାଇ ବିଷୟବସ୍ତୁର ବିଚ୍ଛିନ୍ନ ଖଣ୍ଡକୁ ନେଇ ବିଚାର କରାଯାଇଥାଏ। (ଊନବିଂଶ ଶତକର ଓଡ଼ିଆ ଓ ବଙ୍ଗଳା ଗଦ୍ୟ ସାହିତ୍ୟ : ଏକ ତୁଳନାତ୍ମକ ବିଶ୍ଳେଷଣ, ପୃ - ୮-୯)

## ୧.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

(କ) ତୁଳନାତ୍ମକ ସାହିତ୍ୟ କହିଲେ କ'ଣ ବୁଝାଏ ?

(ଖ) ତୁଳନାତ୍ମକ ସାହିତ୍ୟରେ କେଉଁ ପ୍ରସଙ୍ଗଗୁଡ଼ିକ ଆଲୋଚନା କରାଯାଏ ?

(ଗ) ଚିନ୍ତନ ପ୍ରକ୍ରିୟାରେ କେଉଁ ପ୍ରବୃତ୍ତି କାର୍ଯ୍ୟ କରିଥାଏ ?

(ଘ) ବିଶ୍ୱ ସାହିତ୍ୟ କେଉଁ ସମ୍ବଳ ଉପରେ ପର୍ଯ୍ୟବସିତ ?

(ଙ) ପ୍ରାଦେଶିକ ଭାଷା ଓ ସାହିତ୍ୟ ବିକାଶରେ କେଉଁ ଭାବନା କାର୍ଯ୍ୟ କରିଥାଏ ?

(ଚ) ତୁଳନାତ୍ମକ ସାହିତ୍ୟ ସଂପର୍କରେ ଜେ. ଏମ୍. କାରେ କ'ଣ କହନ୍ତି ?

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

(କ) ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ପରିସର ଆଲୋଚନା କର ।

(ଖ) ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ବିକାଶକ୍ରମ ଆଲୋଚନା କର ।

## ୧.୬ ସହାୟକ ଗ୍ରନ୍ଥସୂଚୀ


- Bhaduri, Saugata and Basu, Amar, Prospectives on comparative Literature and Culture in the age of Globalization (Ed), Anthem press, India, 2010.
- Devsen, Nabaneeta, Counter Points, Essays in Comparative Literature, Prajna, Calcutta, 1985
- Goring, Paul, Hawthron, Jermy, Mitehell, Domhnall, Studying Literature, Atlantic Publisher, New Delhi, 2010
- Wellek, Rene and warren, Austin, theory of Literature, Penguin Books, 1973.

# ଦ୍ୱିତୀୟ ଏକକ
# ତୁଳନାତ୍ମକ ସାହିତ୍ୟର ପ୍ରୟୋଜନୀୟତା

**ବିଷୟ ଗଠନ :**


୨.୧ ପଠନର ଉଦ୍ଦେଶ୍ୟ

୨.୨ ଶିକ୍ଷଣୀୟ ବିଷୟ

୨.୩ ବିଷୟ ପ୍ରବେଶ

୨.୪ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ପ୍ରୟୋଜନୀୟତା

  ୨.୪ ୧ ଭାରତ ଏକ ବହୁବାଦୀ ରାଷ୍ଟ୍ର (Pluralistic State)

  ୨.୪.୨ ସାଂସ୍କୃତିକ ବିବିଧତା

  ୨.୪.୩ ଆନ୍ତଃବିଦ୍ୟା ଅଧ୍ୟୟନ

  ୨.୪.୪ ସଂସ୍କୃତିର ଆତ୍ମା ଅଧ୍ୟୟନ ପ୍ରକ୍ରିୟା

  ୨.୪.୫ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ଉପଯୋଗିତା

୨.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୨.୬ ସହାୟକ ଗ୍ରନ୍ଥସୂଚୀ


## ୨.୧ ପଠନର ଉଦ୍ଦେଶ୍ୟ

ସାହିତ୍ୟ ସମୀକ୍ଷା ଶାସ୍ତ୍ର ଯେକୌଣସି ପାଠର (Text) ଗୁଣାତ୍ମକ ମୂଲ୍ୟ ନିର୍ଦ୍ଧାରଣ କରିଥାଏ । ଏହା ସହିତ ନିବିଡ଼ ଭାବରେ ସଂଯୁକ୍ତ ଥାଏ ସେହି କାଳଖଣ୍ଡରେ ଐତିହାସିକ ଉପାଦାନ । ଯାହା ଉଭୟ ସମାଲୋଚନା ଓ ସାହିତ୍ୟର ଇତିହାସ ପାଇଁ ପ୍ରୟୋଜନ । ଏହା ମଧ୍ୟ ବିଶ୍ୱସାହିତ୍ୟ ଓ ବିଶ୍ୱସାହିତ୍ୟ ପ୍ରତି ସଶ୍ରଦ୍ଧ ଦୃଷ୍ଟିରଖିଥିବା ବିଜ୍ଞଜନଙ୍କ ମନନ ନିମନ୍ତେ ଖୋରାକ ଯୋଗାଇଥାଏ । ତୁଳନାତ୍ମକ ସାହିତ୍ୟ ଯଦିଓ ଆଞ୍ଚଳିକ ତଥା ଜାତୀୟ ସାହିତ୍ୟର ସଂକୀର୍ଣ୍ଣତାରୁ ମୁକ୍ତ ତଥାପି ସ୍ଥାନୀୟ ତଥା ଜାତୀୟ ପରଂପରା ଭିତରେ ନିହିତ ଥିବା ସାରବତ୍ତାକୁ ଉପେକ୍ଷା କରିନଥାଏ । ସେଥିପାଇଁ ସାଧାରଣ ସାହିତ୍ୟ ଓ ଜାତୀୟ ସାହିତ୍ୟ ସହିତ ସାହିତ୍ୟର ଇତିହାସ ଓ ସମାଲୋଚନାର ଇତିହାସକୁ ତୁଳନାତ୍ମକ ସାହିତ୍ୟ ସାଦରେ ଗ୍ରହଣ କରିଥାଏ । ପ୍ରାଚୀନ ହେଉ କିମ୍ବା ମଧ୍ୟ ଯୁଗୀୟ ଅଥବା ଆଧୁନିକ ସାହିତ୍ୟ ହେଉ ; ସାହିତ୍ୟର ଛାତ୍ର ହିସାବରେ ନିଜ ସାହିତ୍ୟର କାଳଖଣ୍ଡ ସଂପର୍କରେ ଜ୍ଞାନ ଆହରଣ କଲେ ଦୃଷ୍ଟିଭଙ୍ଗୀ ସଂକୁଚିତ ହେବା ସ୍ୱାଭାବିକ । ତେଣୁ ସେଇ ସବୁ କାଳଖଣ୍ଡରେ ରଚିତ ବିଶ୍ୱ ସାହିତ୍ୟ ସହିତ ପରିଚିତ ହେବାକୁ ପଡ଼ିଥାଏ । ବିଶ୍ୱ ସହିତ ଅଞ୍ଚଳକୁ ଯୋଜିଥାଏ ତୁଳନାତ୍ମକ ସାହିତ୍ୟ । ସେହି ଦୃଷ୍ଟିରୁ ତୁଳନାତ୍ମକ ସାହିତ୍ୟର ପ୍ରୟୋଜନୀୟତା ରହିଛି । ଯାହା ମାଧ୍ୟମରେ ନିଜ ସାହିତ୍ୟ ଅନ୍ୟ ସାହିତ୍ୟର ସ୍ୱରୂପ ସଂଦର୍ଶନ ସମ୍ଭବପର ହୋଇଥାଏ । ନିଜ ସାହିତ୍ୟ ଭିତରେ ସଂଗୁପ୍ତ ଥିବା ଆର୍ଥ - ସାମାଜିକ ସ୍ଥିତି, ସାଂସ୍କୃତିକ ଅବବୋଧ ଏବଂ ଐତିହାସିକ ଉପାଦାନ

ସହିତ ଅନ୍ୟ ସାହିତ୍ୟରେ ଉପଲବ୍ଧ ଉପରୋକ୍ତ ଉପାଦାନ ମଧ୍ୟରେ ଥିବା ସାଦୃଶ୍ୟ ଓ ବୈସାଦୃଶ୍ୟକୁ ଆକଳନ କରାଯାଇପାରିବ ଏହି ତୁଳନାତ୍ମକ ସାହିତ୍ୟ ମାଧ୍ୟମରେ । ତେଣୁ ତୁଳନାତ୍ମକ ସାହିତ୍ୟର ପ୍ରୟୋଜନୀୟତା ସଂପର୍କରେ ଅବଗତ ହେବା ଏହି ଏକକ ପଠନର ପ୍ରଧାନ ଉଦ୍ଦେଶ୍ୟ ।

## ୨.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ନିମ୍ନଲିଖିତ ପ୍ରସଙ୍ଗଗୁଡ଼ିକ ବିଦ୍ୟାର୍ଥୀମାନେ ଜାଣିପାରିବେ :

- ଆଞ୍ଚଳିକ ତଥା ଜାତୀୟ ସାହିତ୍ୟ ସହ ବିଶ୍ୱସାହିତ୍ୟର ସଂପର୍କ ନିରୂପଣ
- ସାହିତ୍ୟ ସହ ସଂଯୁକ୍ତ ଆର୍ଥ – ସାମାଜିକ, ସାଂସ୍କୃତିକ, ରାଜନୀତିକ ତଥା ଐତିହାସିକ ଉପାଦାନ ଗୁଡ଼ିକୁ ବିଶ୍ୱ ପ୍ରେକ୍ଷାପଟ୍ଟରେ ସଂଶ୍ଳେଷଣ ଓ ବିଶ୍ଳେଷଣ ପଦ୍ଧତି
- ଉଭୟ ଲିଖିତ ଓ କଥିତ ଭାଷାରେ ସୃଷ୍ଟ ସାହିତ୍ୟକୁ ଦିଶା ନିର୍ଦ୍ଦେଶରେ ତୁଳନାତ୍ମକ ସାହିତ୍ୟର ପ୍ରୟୋଜନୀୟତା
- ବିଶ୍ୱଜନ ସଂସ୍କୃତିର ଏକତ୍ର ସହାବସ୍ଥାନ ଓ ମାନବିକତାର ପ୍ରତିଷ୍ଠାରେ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ଉପଯୋଗିତା
- କେନ୍ଦ୍ର ଓ ପରିଧିସ୍ଥ ସାହିତ୍ୟ ମଧ୍ୟରେ ସଂଯୋଗ ସ୍ଥାପନ ଓ ତାକୁ ବିକେନ୍ଦ୍ରିତ କରି ନିଜସ୍ୱ ପରିଚିତି ସୃଷ୍ଟି କରିବାରେ ତୁଳନାତ୍ମକ ସାହିତ୍ୟର ଭୂମିକା
- ବିଶ୍ୱାୟନ ପ୍ରେକ୍ଷାପଟ୍ଟରେ ବିଶ୍ୱଗ୍ରାମ ସଂସ୍ଥାପନରେ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ଭୂମିକା

## ୨.୩ ବିଷୟ ପ୍ରବେଶ

ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ବିଶେଷତା ହେଉଛି ଏହା ସର୍ବଦା ବିଶ୍ୱ ସଂହତି ସ୍ଥାପନ ସହିତ ଜଡ଼ିତ । ବିଶ୍ୱାୟନ ପ୍ରେକ୍ଷାପଟ୍ଟରେ ବିଚାର କଲେ, ସଂପ୍ରତି ବିଶ୍ୱ ଏକ ଗ୍ରାମରେ ରୂପାନ୍ତରିତ ହୋଇଛି ଏହି ରୂପାନ୍ତର ପାଇଁ ମଣିଷ ଭିତରେ ଥିବା ବ୍ୟବସାୟିକ ପ୍ରବୃତ୍ତି ଯେପରି ଭୂମିକା ନିର୍ବାହ କରିଛି ସେହିପରି ବୈଷୟିକ ଜ୍ଞାନ- ବିଜ୍ଞାନ ଚର୍ଚ୍ଚା ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଛି । ଏହାର ପ୍ରଭାବ ଓ ପ୍ରତିକ୍ରିୟା ସାହିତ୍ୟରେ ପ୍ରତିଫଳିତ ହେବା ସ୍ୱାଭାବିକ । ଏହା ହୁଏତ ବିଗତ ଦୁଇଶହ ବର୍ଷର ସାହିତ୍ୟ ସଂରଚନା ହୋଇପାରେ । ମାତ୍ର ଏହାର ପୂର୍ବ ସାହିତ୍ୟ ତତ୍‌କାଳୀନ ଆର୍ଥ-ସାମାଜିକ ତଥା ସାଂସ୍କୃତିକ ପ୍ରେକ୍ଷାପଟ୍ଟରେ ଏହାର ସ୍ଥିତି ନିରୂପିତ ହୋଇପାରେ । ଧର୍ମ ଓ ବିଜ୍ଞାନର ତୁଳନାତ୍ମକ ଚର୍ଚ୍ଚା ଅନେକ ସମୟରେ ବିଜ୍ଞାନ ଭିତ୍ତିକ ସଂସ୍କୃତି ଚର୍ଚ୍ଚାକୁ ଆପଣେଇବାରେ ସଂକୋଚ ବୋଧ କରି ନଥାଏ । ପ୍ରାକୃତିକ ଘଟଣା ଏବଂ ସାଂକେତିକ ବିଗ୍ରହ ଉପରେ ଗୁରୁତ୍ୱ ଦେଉଥିବା ବିଜ୍ଞାନ ନିଜର ସିଦ୍ଧାନ୍ତକୁ ସ୍ଥାନ ଓ କାଳ ଭେଦରେ ସଠିକ ରୂପ ଦେଲାବେଳେ ସାହିତ୍ୟର ଆଶ୍ରୟ ଲୋଡ଼ିଥାଏ । ସେହିପରି ସଂସ୍କୃତି ଚର୍ଚ୍ଚାର ଗତିଧାରାକୁ ଯୁକ୍ତିନିଷ୍ଠ ଓ ଆବେଗମୟ କରିବା ପାଇଁ ସାହିତ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ତେଣୁ ପ୍ରତ୍ୟେକଟି ଜ୍ଞାନ ଚର୍ଚ୍ଚାର ସାରାଂଶକୁ ନିଜ ଭିତରେ ସମାହିତ କରି ସାହିତ୍ୟ ତାର ପରିସରକୁ ପରିପୁଷ୍ଟ କରିଥାଏ । ସେହି ଦୃଷ୍ଟିରୁ ଉଭୟ ବିଚାର ପଦ୍ଧତିରେ ସାହିତ୍ୟର ଭୂମିକା ଉଲ୍ଲେଖନୀୟ, ଜ୍ଞାନ ଚର୍ଚ୍ଚାର ବିବିଧ କ୍ଷେତ୍ରରେ ଥିବା ଭାବ ସାନ୍ଦ୍ରତାକୁ ପରଖିବା ଓ ତାର ସମୀପ ତର୍କଣାର କ୍ଷେତ୍ରକୁ ଆବିଷ୍କାର କରିବାର ମନୋଭାବକୁ ପ୍ରସାରିତ କରିବା ପାଇଁ ଏହି ତୁଳନାତ୍ମକ ଅଧ୍ୟୟନର ଆବଶ୍ୟକତା ରହିଛି ।

## ୨.୪ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ପ୍ରୟୋଜନୀୟତା

ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡ ଓ ଭୌଗୋଳିକ ପରିସୀମାରେ ସୃଷ୍ଟି ହୋଇଥିବା ସାହିତ୍ୟ ଅନ୍ୟ ଏକ ଭିନ୍ନ ପରିମଣ୍ଡଳୀୟ ସାହିତ୍ୟ କିପରି, କାହିଁକି ଓ କେଉଁ କାରଣ ବଶତଃ ସମତା – ବିଷମତା ରହିଥାଏ, ତାର ମୂଳ କାରଣ ନିରୂପଣ କରିବା ହେଉଛି ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ବିଶିଷ୍ଟ ଗୁଣ। ଆମେ ଜାଣୁ, ସାହିତ୍ୟ ହେଉଛି ମାନବୀୟ ପ୍ରବୃତ୍ତିର ଏକ ସ୍ଥୂଳ ପରିପ୍ରକାଶ। ମାତ୍ର, ସୂକ୍ଷ୍ମସ୍ତରରେ ଅନୁସଂଧାନ କଲେ ମନେ ହୁଏ, ମାନବୀୟ ପ୍ରବୃତ୍ତି ତାର ପରିବେଶ, ସଂସ୍କୃତି ଓ ବିଧି ବ୍ୟବସ୍ଥା ଦ୍ୱାରା ନିୟନ୍ତ୍ରିତ। ଏହି ବିଧି ବ୍ୟବସ୍ଥା ସହିତ ଓତପ୍ରୋତ ଭାବେ ଜଡ଼ିତ ରହିଛି ରାଷ୍ଟ୍ରକର୍ତ୍ତୃକ କ୍ଷମତା ଭିତରେ ରହିଥିବା ଆର୍ଥ – ସାମାଜିକ ସ୍ଥିତି। ରାଷ୍ଟ୍ର କର୍ତ୍ତୃକ କ୍ଷମତା ଭିତରେ ସୃଷ୍ଟିହେଉଥିବା ସାହିତ୍ୟ ସର୍ବଦା ସ୍ୱାଧୀନ ଅଭିବ୍ୟକ୍ତି ପ୍ରକାଶର ପରିପନ୍ଥୀ, କିନ୍ତୁ କେତେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଥାଏ। ଅର୍ଥାତ ସ୍ରଷ୍ଟାଟିଏ ରାଷ୍ଟ୍ର ପ୍ରଣୋଦିତ କ୍ଷମତା ଚକ୍ର ପ୍ରତି ପ୍ରଶ୍ନ ଉଠାଇଥାଏ। ଅପର ପକ୍ଷରେ ସାଲିସ ପୂର୍ବକ ରାଷ୍ଟ୍ରର ପକ୍ଷଭୁକ୍ତ ହୋଇ ସାହିତ୍ୟ ସର୍ଜନା କରିଥାଏ। ସାହିତ୍ୟ ସର୍ଜନା କ୍ଷେତ୍ରରେ ଏହିପରି ଅପ୍ରୀତିକର ସତ୍ୟକୁ କେନ୍ଦ୍ର କରି ସମୀକ୍ଷା ପଦ୍ଧତି ଗଢିଉଠିବା ଏକ ଦୁଷ୍କର କର୍ମ ବୋଲି କେତେକ ଚିନ୍ତା କରିଥାନ୍ତି। ଏହି ସାହିତ୍ୟ ପ୍ରକ୍ରିୟାଟି ସମଗ୍ର ବିଶ୍ୱରେ ଅନୁଭୂତ ହୋଇଥାଏ। ସେଥିପାଇଁ ବିଶ୍ୱ ସାହିତ୍ୟରେ ଏହି ସମତା ବିଷମତା ଆକଳନ ନିମନ୍ତେ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ଆବିର୍ଭାବ ଘଟିଛି। ସଂସ୍କୃତିର ସୂକ୍ଷ୍ମ ସ୍ରୋତସ୍ୱିନୀ ଧାରାଟି ଯେପରି ଭାବେ ବିଶ୍ୱର ଗୋଟିଏ ପ୍ରାନ୍ତରୁ ଅନ୍ୟପ୍ରାନ୍ତର ପର୍ଯ୍ୟନ୍ତ ଅବିଶ୍ରାନ୍ତ ଭାବରେ ଗତିଶୀଳ ହେଉଛି ତାର ଅନୁସନ୍ଧାନ କରିବା ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ଅନ୍ୟ ଏକ ପ୍ରମୁଖ ବିଭବ। ତେଣୁ ସ୍ଥାନୀୟତା ସହିତ ବିଶ୍ୱକୁ ଯୋଡ଼ି ଥିବା ଏହି ବିଭବ ରାଶିର ଅଧ୍ୟୟନ ହିଁ ତୁଳନାତ୍ମକ ଦୃଷ୍ଟି। ଭାରତୀୟ ସାହିତ୍ୟର ଅବବୋଧ ନିମନ୍ତେ ଲିଖିତ, କଥିତ ଏବଂ କଥିତ ଭାଷାରେ ଥିବା ସାହିତ୍ୟିକ ସୌକୁମାର୍ଯ୍ୟ ପରଂପରାକୁ ନିଆଯାଇପାରେ।

### ୨.୪ ୧ ଭାରତ ଏକ ବହୁବାଦୀ ରାଷ୍ଟ୍ର (Pluralistic State)

ବହୁ ଭାଷା ଓ ସଂସ୍କୃତିର ସମନ୍ୱୟ ଭାରତୀୟ ଭାବାଦର୍ଶ (Ideology) କିପରି ଏକ ସୂତ୍ରରେ ଗ୍ରଥିତ ତାର ଗ୍ରହଣ କରିଛି। ଭାରତୀୟ ସାହିତ୍ୟର ଇତିହାସ ବହୁ ବିଜ୍ଞଜନଙ୍କୁ ଏହାର ବିବିଧତା ନେଇ ଆଶ୍ଚର୍ଯ୍ୟ ଚକିତ କରିଛି। ପୂର୍ବ ଆଧୁନିକ ସମୟଖଣ୍ଡରେ ସଂସ୍କୃତ ମହାକାବ୍ୟ, ନାଟକ ତଥା ଗ୍ରୀକ ସହିତ ଏହାର ସୌସାଦୃଶ୍ୟ ଆକଳନରେ ଯେଉଁ ପ୍ରତୂଳ ପରିମାଣ ଆଲୋଚନା, ପର୍ଯ୍ୟାଲୋଚନା ହୋଇଛି ତାର ସ୍ୱରୂପ ସଂପର୍କରେ ଆମେ ଅବଗତ। ଗୋଟିଏ ସଂସ୍କୃତି ସହ ଗୋଟିଏ ଏବଂ ଗୋଟିଏ ସହ ସାମଗ୍ରିକ ସଂସ୍କୃତିର ସୃଷ୍ଟି ଉତ୍ସ ଆକଳନ କରିବା ଏହାର ମୁଖ୍ୟ ଭୂମିକା ଥିଲା। ବାଲ୍ମିକୀ କୃତ ରାମାୟଣ ଏବଂ ବ୍ୟାସ କୃତ ମହାଭାରତ, ଗୀତା, ଭକ୍ତି ଯୁଗରେ ଭାରତରେ ବିଭିନ୍ନ ଭାଷାରେ ଭିନ୍ନ ଭିନ୍ନ ରୂପରେ ରଚିତ ହୋଇଥିବାର ଦେଖାଯାଏ। ତୁଳସୀ ଦାସ କୃତ ରାମଚରିତ ମାନସ ଯଦିଓ ଏକ ବୃହତ୍ତ ପରିସରରେ ଆଦୃତି ଲାଭ କରିଥିଲା, କିନ୍ତୁ ପ୍ରାନ୍ତୀୟ ଭାଷାରେ ରଚିତ ତଥା ନିଜ ନିଜ ସାଂସ୍କୃତିକ, ସାମାଜିକ ପ୍ରେକ୍ଷାପଟ୍ଟକୁ ଭିତ୍ତିକରି ଗଢିଉଠିଥିବା ରାମାୟଣ, ମହାଭାରତ, ଭାଗବତ, ଗୀତା ପ୍ରଭୃତ ଗ୍ରନ୍ଥ ନିଜସ୍ୱ ବୈଶିଷ୍ଟ୍ୟରେ ଗରିୟାନ ହୋଇଛନ୍ତି। ଏହା ପ୍ରାନ୍ତୀୟ ଜ୍ଞାନର ପରିସୀମାକୁ ସମୁଜ୍ଜ୍ୱଳ କରିବାରେ ସହାୟକ ହୋଇଛି। ଭାରତ ପରି ଏକ ବହୁ ସାଂସ୍କୃତିକ ସମ୍ମେଳନ ରାଷ୍ଟ୍ରରେ (Poly System) କେଉଁ ସଂସ୍କୃତିକ

ବିଭବକୁ କେନ୍ଦ୍ର ଏବଂ କାହାକୁ ପରିଧି ମଧ୍ୟରେ ଗ୍ରହଣ କରାଯାଇପାରିବ, ତାହା ନିର୍ଣ୍ଣୟ କରିବା ସମ୍ଭବ ନୁହେଁ। ଏତଦ୍‌ବ୍ୟତୀତ ବିଦେଶୀ ସଂସ୍କୃତି ଆମ ଦେଶରେ ଥିବା ସ୍ଥାନୀୟ ବା ଦେଶୀୟ ଧର୍ମ, ନିୟମକାନୁନ ଏବଂ ରାଷ୍ଟ୍ରକୁ ପ୍ରଭାବିତ କରିନି ପରନ୍ତୁ ଶିକ୍ଷା ବିଭାଗକୁ ସଂକ୍ରମିତ କରିଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ମାନସିକତା ଏହି ବୈଦେଶିକ ପ୍ରଭାବକୁ କେତେକ ପରିମାଣରେ ଗ୍ରହଣ କରିପାରିଛି, ଆପୋଷ ସମାଯୋଜନ କରିଛି ଅଥବା ପରିତ୍ୟାଗ କରିଛି, ଏହି ପରିପ୍ରେକ୍ଷୀର ବିଚାର କଲେ, ଭାରତୀୟ ସାହିତ୍ୟ ନିଜର ସୌକୁମାର୍ଯ୍ୟ ପ୍ରତିଷ୍ଠା ପାଇଁ ଯେଉଁ ନାନ୍ଦନିକ ପଦ୍ଧତି ଅନୁସରଣ କରିଛ ତାହା ବାହ୍ୟ ପ୍ରଭାବ ଜନିତ ଉପାଦନାଗୁଡ଼ିକ ଅତି ସ୍ପଷ୍ଟଭାବେ ଦର୍ଶାଇଛି। ଦ୍ୱିତୀୟତଃ ଉପନିବେଶବାଦ ଶିକ୍ଷା ବ୍ୟବସ୍ଥା ପ୍ରତ୍ୟକ୍ଷ ଭାବେ ଯେପରି ଭାରତୀୟ ସାହିତ୍ୟକୁ ପ୍ରଭାବିତ କରିଛି ସେହିପରି ଅପ୍ରତ୍ୟକ୍ଷ ଭାବେ ଭାରତୀୟ ପ୍ରାଦେଶିକ ସାହିତ୍ୟ ମଧ୍ୟରେ ଏକ ଯୋଗସୂତ୍ର ସ୍ଥାପନ ନିମନ୍ତେ ସଫଳ ହୋଇଛି। ତେଣୁ ଆମ ଦେଶରେ ପୂର୍ବରୁ ଥିବା ସଂସ୍କୃତ କାବ୍ୟାଦର୍ଶ ଓ ଏହାକୁ ଆଧାର କରି ଗଢିଉଠିଥିବା ସୃଜନାତ୍ମକ ସାହିତ୍ୟ ସାହିତ୍ୟ ସମୀକ୍ଷା ପଦ୍ଧତିଟି ପାଶ୍ଚାତ୍ୟ ସମୀକ୍ଷା ଶାସ୍ତ୍ର ଦ୍ୱାରା ସତେଯେପରି ଦେଶ ଦ୍ରୋହୀରେ ପରିଣତ ହୋଇଛି। ଉପନିବେଶିକ ଶାସନ ବ୍ୟବସ୍ଥାରେ ଲେଖକୀୟ ସତ୍ତାର ରୂପାନ୍ତରିକରଣ ଘଟିଥିଲେ ମଧ୍ୟ ନିଜ ସଂସ୍କୃତିର ଅସ୍ଥି ମଜ୍ଜାଗତ ଅବବୋଧଟି ପରିସ୍ଫୁଟନରେ ବ୍ୟାହତ ଘଟିନାହିଁ। ତେବେ ଏହାର ବିପରିତ ପ୍ରତିକ୍ରିୟାଟି ମଧ୍ୟ ଦେଖିବାକୁ ମିଳିଥାଏ। ରାଧାନାଥଙ୍କ କାବ୍ୟରେ ନାୟକ, ନାୟିକା ତଥା ଭୌଗୋଳିକ ସ୍ଥାନ ବିଶେଷର ଓଡ଼ିଶାୟନ ହେବା ସତ୍ତ୍ୱେ ସେମାନଙ୍କର ଚିନ୍ତା ଓ ଘଟଣା ପ୍ରଭାବ ପାଶ୍ଚାତ୍ୟ ଚିନ୍ତାଚେତନା ଓ ଘଟଣା ଦ୍ୱରା ପ୍ରଭାବିତ। ତେଣୁ ଲେଖକ ପ୍ରଥମେ ଅନୁବାଦ ମାଧ୍ୟମରେ ପାଶ୍ଚାତ୍ୟ ସାହିତ୍ୟର ଭାବବସ୍ତୁ ବୁଝିଛି ଏବଂ ପରେ ତାକୁ ନିଜ ସାହିତ୍ୟ କୃତିରେ ପ୍ରୟୋଗ କରିଛି। ଫଳସ୍ୱରୂପ, ସେତେବେଳେ ଏହି ପାଠ (Text) ଟି ପାଠକ ନିକଟକୁ ଆସିଛି ସେତେବେଳେ ସେ ନିଜ ସାଂସ୍କୃତିକ ପରିମଣ୍ଡଳରେ ଏହି ଅନାଗତ ଭାବବୋଧ ସଂପର୍କରେ ପ୍ରଶ୍ନ ଉଠାଇଛି। ତେଣୁ ଏହି ପ୍ରଶ୍ନ ଉଠାଇବାରେ ପ୍ରକ୍ରିୟାଟି ହେଉଛି ତୁଳନାତ୍ମକ ସାହିତ୍ୟ। ଯାହା ଭିତରେ, ଦୁଇଟି ସାହିତ୍ୟ ବିଭବ ଏବଂ ସେଥିରେ ଥିବା ସାଂସ୍କୃତିକ ବିଭବକୁ ଚିହ୍ନଟ କରିବାରେ ଦକ୍ଷତା ରହିଥାଏ। ସେହି ଦୃଷ୍ଟିରୁ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ପ୍ରୟୋଜନୀୟତା ଆମେ ଉପଲବ୍ଧି କରିଥାଉ।

## ୨.୪.୨ ସାଂସ୍କୃତିକ ବିବିଧତା

ବହୁ ସଂସ୍କୃତି ଯାହା ସ୍ଥାନୀୟତା ବୈଶିଷ୍ଟ୍ୟ ସହ ସଂପୃକ୍ତ ତାର ଏକ ସାମ୍ୟ/ ବୈଷମ୍ୟ ଆକଳନ ତୁଳନାତ୍ମକ ସାହିତ୍ୟର ଲକ୍ଷ୍ୟ। ଦୂର ସହିତ ନିକଟରେ ମଧ୍ୟରେ ସଂପର୍କ ସ୍ଥାପନ ଏହାର ଅନ୍ୟତମ ବୈଶିଷ୍ଟ୍ୟ। ଏତଦ୍ ବ୍ୟତୀତ ବିଶ୍ୱ ସଂସ୍କୃତ ସହିତ ନିଜ ସଂସ୍କୃତିର ଏକ ସହବନ୍ଧନ ସ୍ଥାପନାରେ ଏହାର ଭୂମିକା ଅନସ୍ୱୀକାର୍ଯ୍ୟ। ଅନେକ ସ୍ଥଳରେ, ଲେଖକର ସୃଜନ କର୍ମଟି ଅନ୍ୟ ଏକ ପୁସ୍ତକ ଦ୍ୱାରା ପ୍ରଭାବିତ ହୋଇପାରେ। ଏହି ପ୍ରଭାବିତ ପୁସ୍ତକ (Influenced Book) ଦ୍ୱାରା ଧୋକା ଖାଇପାରେ ସୃଜନ କର୍ମଟି କିନ୍ତୁ, ପୁସ୍ତକଟି ନୂତନ ଜୀବନ ଦ୍ୱାରା ପରିପୁଷ୍ଟ ହୋଇପାରେ। ପୁସ୍ତକଟିର ଏହି ନବକଳେବର ମୂଳ ପାଠର ବିକୃତିକରଣ ନୁହେଁ। ତେଣୁ ରୂପାନ୍ତରିତ ପୁସ୍ତକ ମଧ୍ୟରେ ଲେଖକ ନିଜ ଭୂମି ଓ ଭୂମାର ସାଂସ୍କୃତିକ ଉପାଦାନକୁ ଅକ୍ଷୁର୍ଣ୍ଣ ରଖିବାରେ ସମର୍ଥ ହୋଇଥାଏ। ସେହି ଦୃଷ୍ଟିରୁ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ପାଠକ ଚିତ୍ତରେ ପାଠଟିର ପ୍ରକୃତ ସ୍ୱରୂପ ନିର୍ଣ୍ଣୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

ତୁଳନାତ୍ମକ ସାହିତ୍ୟ ଅଧ୍ୟୟନରେ ସକ୍ରିୟ ଅଂଶଗ୍ରହଣ କରିଥାଏ ଅନୁବାଦ। ଅନୁବାଦ ଶୃଙ୍ଖଳାଟିର ପରିସର ଅତ୍ୟନ୍ତ ବ୍ୟାପକ ଓ ମନନଶୀଳ। ବିଶ୍ୱର ଯେକୌଣସି ଭାଷାରେ ରଚିତ ସାହିତ୍ୟକୁ (Targeted Language) ନିଜ ଭାଷାରେ ଅନୁବାଦ କରି (Source Language) ସେହି ସାହିତ୍ୟର ସାଂସ୍କୃତିକ ଅବବୋଧକୁ ପ୍ରକାଶ ନିମନ୍ତେ ଅନୁବାଦକର ଦକ୍ଷତା ରହିବା ଆବଶ୍ୟକ। ଜଣେ ଦକ୍ଷ ଅନୁବାଦକ ଯଦି ଅନୁଦିତ ଭାଷା / ସାହିତ୍ୟ/ ସଂସ୍କୃତି ସହିତ ପରିଚିତ ନୁହଁନ୍ତି ତେବେ ସେହି ଅନୁବାଦ କର୍ମଟି ସଂପୂର୍ଣ୍ଣ ହେବନାହିଁ। ଅନୁବାଦକ ଯଦି ତୃତୀୟ ଭାଷା ଉପରେ ନିର୍ଭରଶୀଳ ହୁଏ ତେବେ ମୂଳ ଭାଷାରେ ସନ୍ନିବେଶିତ ସାଂସ୍କୃତିକ ଅବବୋଧଟି କ୍ଷୁର୍ଣ୍ଣ ହେବାର ସମ୍ଭାବନା ରହିଥାଏ।

ସଂପ୍ରତି ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ଓ ଅନୁବାଦର ତାତ୍ତ୍ୱିକ ଲକ୍ଷ୍ୟକୁ ବିଶ୍ଳେଷଣ କରାଯାଏ, ତେବେ ମନେହୁଏ, ଅନୁବାଦ ସାହିତ୍ୟ ସଂପୂର୍ଣ୍ଣ ରୂପେ କବଳିତ କରିଛି ତୁଳନାତ୍ମକ ଅଧ୍ୟୟନ କ୍ଷେତ୍ରକୁ। ଅର୍ଥାତ୍ ଅନୁବାଦ ଶୃଙ୍ଖଳାଟି ନିଜସ୍ୱ ପରିଚୟରେ ଭାସ୍ୱର ହେବା ପାଇଁ ଅଙ୍ଗୀକାରବଦ୍ଧ। ଲକ୍ଷ୍ୟ ଓ ପରିସରକୁ ଦେଖିଲେ ଏହି ଦୁଇଟି କର୍ମ ପରସ୍ପର ଠାରୁ ଦୂରତ୍ୱ ରକ୍ଷାରେ ବ୍ୟଗ୍ର। ଏହି ଦୂରତା ଠାରୁ ଉପରକୁ ଯାଇ ପର୍ଯ୍ୟବେକ୍ଷଣ କଲେ, ଯେଉଁ ସାରସ୍ୱତ ସେତୁଟିଏ ନିର୍ମାଣ ହୋଇପାରିବ ସେଥିପ୍ରତି ଯତ୍ନଶୀଳ ହେବା ଅତ୍ୟନ୍ତ ଜରୁରୀ। କାରଣ ଏହି ଦୁଇଟି ବିଦ୍ୟା ପରସ୍ପରର ପରିପୂରକ। ଅନ୍ୟ ଭାଷାରେ ସଂରଚିତ ସାହିତ୍ୟର ଅନୁବାଦ ଯଦି ପ୍ରଣିତ ଭାଷାରେ ଅନୁରୂପ ସାଂସ୍କୃତିକ ସ୍ପନ୍ଦନକୁ ଧରିରଖିବାର କ୍ଷମତା ରଖେ ତେବେ ତୁଳନାତ୍ମକ ସାହିତ୍ୟ ତତ୍ତ୍ୱ ଓ ଅଧ୍ୟୟନ କ୍ଷେତ୍ରରେ ଏହା ପ୍ରମୁଖ ଭୂମିକା ନିର୍ବାହ କରିବ।

ତୁଳନାତ୍ମକ ସାହିତ୍ୟର ଲକ୍ଷ୍ୟ ସର୍ବଦା ବିଶ୍ୱାଭିମୁଖୀ। ବିଶ୍ୱକୁ ଗୋଟିଏ ପରିବାରରେ ରୂପାନ୍ତରିତ କରି ବିବିଧତା ମଧ୍ୟରେ ଏକତା ଏବଂ ଏକ ସୌହାର୍ଦ୍ଦପୂର୍ଣ୍ଣ ଜୀବନ ଅନ୍ୱେଷଣ କରିବା ଏହାର ଲକ୍ଷ୍ୟ। ଏହି ସହାବସ୍ଥାନ ସ୍ଥାପନ ନିମନ୍ତେ ଆବଶ୍ୟକ ହୋଇଥାଏ ମାନବ ପ୍ରଜାତିର ସୁରକ୍ଷା ଓ ମାନବସଂବଳ ଉପାଦାନର ଉପଯୋଗିତା ସଂପର୍କରେ ସଚେତନତା ସୃଷ୍ଟି। ସାଂପ୍ରତିକ ସମୟରେ ଏହି ଅତ୍ୟାବଶ୍ୟକୀୟ ଉପାଦାନର ଆବଶ୍ୟକତାକୁ ଅନୁଭବ କରିବାର କ୍ଷେତ୍ର ପ୍ରସ୍ତୁତିରେ ତୁଳନାତ୍ମକ ସାହିତ୍ୟର ପ୍ରୟୋଜନୀୟତା ରହିଛି। ନିର୍ଦ୍ଦିଷ୍ଟ ଭୌଗୋଳିକରେ ବସବାସ କରୁଥିବା ଜନସମୂହ ନିଜର ଐତିହ୍ୟ ଓ ସାଂସ୍କୃତିକ ଅଭିଚେତନାକୁ ଶ୍ରେଷ୍ଠ ବୋଲି ମନେକରିବା ସ୍ୱାଭାବିକ ତଥା ବାସ୍ତବତା ମାତ୍ର, ଭିନ୍ନ ସାଂସ୍କୃତିକ ବାସ୍ତବତା (Cultural Realiam) ପ୍ରତି ଅନାଦର କିମ୍ବା ଉପେକ୍ଷା ଅଥବା ଅନିହା ପ୍ରକାଶ କରିବା ଏକ ଧାରଣାଗତ ଭ୍ରମ। ସେହି ଦୃଷ୍ଟିରୁ ବିଶ୍ୱାୟନ ପରିପ୍ରେକ୍ଷାରେ, ତୁଳନାତ୍ମକ ସାହିତ୍ୟ ସର୍ବଦା ପ୍ରଚେଷ୍ଟା କରିଥାଏ ଏକ ସାଂସ୍କୃତିକ ସହବନ୍ଧନ ଓ ମାନବକତାର ଉତ୍ତରଣ ଜନିତ ଅଭୀପ୍‌ସାର ପ୍ରତିଷ୍ଠା। ତେଣୁ ଏହି ମାଙ୍ଗଳିକ ପ୍ରକାର୍ଯ୍ୟର ଅଭିବୃଦ୍ଧି ନିମନ୍ତେ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ନିଜର ମୌଳିକ କର୍ତ୍ତବ୍ୟ ଓ ଲକ୍ଷ୍ୟପ୍ରାପ୍ତି ଉଦ୍ଦେଶ୍ୟରେ ଏହି ଅଭିଯାତ୍ରାଟିକୁ ଶୃଙ୍ଖଳତାର ସହିତ ସଂପନ୍ନ କରିଥାଏ। ପୂର୍ବ ସ୍ୱୀକୃତ ଓ ଗୃହୀତ Welt Literature ବା ବିଶ୍ୱ ସାହିତ୍ୟ ସଂପର୍କରେ ରବୀନ୍ଦ୍ରନାଥଙ୍କ ଠାରୁ ଅନ୍ୟାନ୍ୟ ପ୍ରବୁଦ୍ଧ ଚିନ୍ତାଶୀଳ ବ୍ୟକ୍ତିଙ୍କ ବିଚାରଧାରା ସହ ସହମତି ହେବାକୁ ପଡ଼ିବ। ଅର୍ଥାତ୍ ବିଶ୍ୱଜନୀୟ ହୀତାୟଃ ହେଉଛି ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ମୂଳଭିତ୍ତି। ତୁଳନାତ୍ମକ ସାହିତ୍ୟ ମଣିଷର ବାହ୍ୟ ଅବସ୍ଥାନକୁ ପରିପୂର୍ତ୍ତି କରିପାରେ ନାହିଁ ସତ୍ୟ, ମାତ୍ର ତାର ଚେତନା ସ୍ତରକୁ ଉନ୍ମୀଳିନ କରିବା ନିମନ୍ତେ ଏହାର ପ୍ରୟୋଜନୀୟତାକୁ ଅସ୍ୱୀକାର କରାଯାଇନପାରେ। ତେଣୁ ଚେତନାଗତ

ସ୍ତରରେ ବିଶ୍ୱ- ସଂସ୍କୃତିକ-ଅଭିଚେତନାକୁ ଗ୍ରହଣଶୀଳ କରିବାରେ ତୁଳନାତ୍ମକ ସାହିତ୍ୟର ଉଦ୍ୟମ ପ୍ରଶଂସନୀୟ । ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ପ୍ରେକ୍ଷାପଟ୍ଟରେ କୌଣସି ସମାଜର ଆର୍ଥ-ସାମାଜିକ-ରାଜନୀତିକ ତଥା ସଂସ୍କୃତିକ ଜୀବନବୋଧ ସଂପର୍କରେ ଅଭିହିତ ହେବା ସହ ଜୀବନ ସଂଚାରିତ ଭାବଧାରାକୁ ପରଖିବାର ପୃଷ୍ଠଭୂମିକୁ ବିଶ୍ଳେଷଣ କରିଥାଏ । ତେଣୁ ଏ କ୍ଷେତ୍ରରେ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନରେ ପ୍ରୟୋଜନୀୟତା ଆଗେ ଉପଲବ୍ଧି କରିଥାଏ ।

## ୨.୪.୩ ଆନ୍ତଃବିଦ୍ୟା ଅଧ୍ୟୟନ

ଜ୍ଞାନ ଜଗତର ବିସ୍ତୃତୀକରଣ ଏବଂ ଆନ୍ତଃବିଦ୍ୟା ସଂପର୍କରେ ଗଭୀର ଚର୍ଚ୍ଚା ନିମନ୍ତେ ପ୍ରୟୋଜନୀୟ ହୋଇଥାଏ ଅନୁବାଦ ; ଯାହା ପୂର୍ବରୁ ସୂଚୀତ ହୋଇଛି । ଏହି ଅନୁବାଦ ପ୍ରକରଣ ହିଁ ବିବିଧ ବିଦ୍ୟାର ଆଳୟକୁ ପ୍ରସାରିତ କରିଥାଏ । ଗୋଟିଏ ଭାଷା – ସାହିତ୍ୟ- ସଂସ୍କୃତି ଭିତରେ ଆବଦ୍ଧ ମଣିଷର ପ୍ରଜ୍ଞା କ୍ଳୃପ୍ତ ହେବା ପରିବର୍ତ୍ତେ, ବିସ୍ତାରିତ ହେବାର ସୁଯୋଗ ସୃଷ୍ଟିକରେ ଅନୁବାଦ । ତେଣୁ ଜ୍ଞାନ ଚର୍ଚ୍ଚାର ବିସ୍ତାରୀକରଣରେ ସାହାଯ୍ୟ କରୁଥିବା ଅନୁବାଦ ପ୍ରକ୍ରିୟା କ୍ରମଶଃ ତୁଳନାତ୍ମକ ଅଧ୍ୟୟନ କେବଳ ସ୍ଥାନ, କାଳ, ପାତ୍ର ଭେଦ ସହିତ ପରିଚିତ କରାଏ ନାହିଁ ପରନ୍ତୁ ସେଗୁଡ଼ିକର ମାହାତ୍ମ୍ୟ ପ୍ରଖ୍ୟାପନରେ ଶକ୍ତିଶାଳୀ ଭୂମିକା ନିର୍ବାହ କରେ । ଏଠାରେ କେତେଗୁଡ଼ିଏ ମୌଳିକ ଆଧାର ଭୂମିକୁ ବିଶ୍ଳେଷଣ କରାଯାଇପାରେ । ବିଭିନ୍ନ ଭାଷାରେ ସଂରଚିତ ମୂଳ ପାଠ (Text) ସହିତ ବିଶ୍ୱର ଅନ୍ୟାନ୍ୟ ଭାଷାରେ ରଚିତ ପାଠ ମଧ୍ୟରେ ସାମ୍ୟ, ବୈଷମ୍ୟ ନିରୂପଣ କରିବା । ବିବିଧ ଭୌଗୋଳିକ, ସଂସ୍କୃତିକ ଅବସ୍ଥାନ ଭିତରେ ନିର୍ମିତ ପାଠ ଭିତରେ ଥିବା ଆନ୍ତରୀତ ସ୍ଥାପନ କରିବା । ଅଥବା ସମ- ସଂସ୍କୃତିକ ଭୂମି ଉପରେ ସଂରଚିତ ସାହିତ୍ୟ କାଳ ଭେଦରେ ରଚିତ ସାହିତ୍ୟ ମଧ୍ୟରେ ଥିବା ଆନ୍ତରୀଣ ସଂଯୋଗ ସୂତ୍ରଗୁଡ଼ିକ ନିର୍ଦ୍ଧାରଣ କରିବା । ଏକ ଭିନ୍ନ ସଂସ୍କୃତିକ ଭିତ୍ତିଭୂମି ଉପରେ ପରିପୁଷ୍ଟ ସମୀକ୍ଷା ପଦ୍ଧତିଟି, ଯେକୌଣସି ସଂସ୍କୃତିକ ପରିମଣ୍ଡଳରେ ନିର୍ମିତ ସୃଜନଶୀଳ ସାହିତ୍ୟକୁ ସେହି ମାନ ଦଣ୍ଡରେ ବିଚାରଭୁକ୍ତ ହୋଇପାରିବ । ଅଥବା ଏକ ସଂକୀର୍ଣ୍ଣ ମନୋଭାବକୁ ପରିହାର କରି ବିଶ୍ୱଗ୍ରାମରେ ଅଂଶୀଭୂତ ହେବା । ଏହିପରି ନାନାଦି ଜଟିଳ ପ୍ରେକ୍ଷାପଟ୍ଟରେ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ଓ ଏହାକୁ ପ୍ରଚୋଦିତ କରୁଥିବା ଅନୁବାଦ ସାହିତ୍ୟ ଯଥୋଚିତ କ୍ଷେତ୍ର ପ୍ରସ୍ତୁତ କରିଥାଏ ।

## ୨.୪.୪ ସଂସ୍କୃତିର ଆତ୍ମା ଅଧ୍ୟୟନ ପ୍ରକ୍ରିୟା

ଗେଟେଙ୍କ ବିଶ୍ୱସାହିତ୍ୟ ଅନୁସାରେ ତୁଳନାତ୍ମକ ଅଧ୍ୟୟନ ହେଉଛି ଏକ ଭିନ୍ନ ସଂସ୍କୃତିର ଆତ୍ମାକୁ ଆବିଷ୍କାର କରିବା, ଅଥବା ଦୁଇଜଣ ଲେଖକଙ୍କ ମଧ୍ୟରେ ଥିବା ସାମ୍ୟ, ବୈଷମ୍ୟ, ପ୍ରଭାବ ସଂପର୍କରେ ବିଶ୍ଳେଷଣ କରିବା । ତୁଳନାତ୍ମକ ଅଧ୍ୟୟନ ଦୁଇଟି ଶୈକ୍ଷିକ ପରିମଣ୍ଡଳରେ ପରିପୁଷ୍ଟ ହୋଇ ସାହିତ୍ୟ ଓ ସଂସ୍କୃତି ସମୀକ୍ଷା ପଦ୍ଧତିର ମାନଦଣ୍ଡକୁ ଭିନ୍ନ ଦିଶା ଦେବାରେ ସମର୍ଥ ହୋଇଛି । ଫ୍ରେଞ୍ଚସ୍କୁଲ ଦୁଇଟି ଲେଖକ ଅଥବା ଦୁଇଟି ସାହିତ୍ୟକୃତି ଭିତରେ ଥିବା ସାମ୍ୟ ଓ ବୈଷମ୍ୟ ଉପରେ ଗୁରୁତ୍ୱ ଦେଉଥିବା ସମୟରେ ଆମେରିକାନ ସ୍କୁଲ ଆନ୍ତଃ ବିଦ୍ୟା ଅଧ୍ୟୟନ ଉପରେ ପର୍ଯ୍ୟବସିତ । ଊନବିଂଶ ଶତକରେ ସାହିତ୍ୟ ଓ ଜାତୀୟ ସଂସ୍କୃତିକୁ ଭିତ୍ତିକରି ଗଢିଉଠିଥିବା ଆଲୋଚନା ବିଂଶଶତକରେ Formalism ଦ୍ୱାରା ପ୍ରଭାବିତ ହୋଇଥିଲା । ବିଶେଷ କରି ଏହି ଅଧ୍ୟୟନ କ୍ଷେତ୍ରରେ ମିଥ୍ ଆଲୋଚନା ବିଶ୍ୱସାହିତ୍ୟର ମୂଳକେନ୍ଦ୍ର ଭାବେ ଗୃହୀତ ହୋଇଥିଲା । ତେବେ ଊନବିଂଶ ଶତକରେ ଭାଷାତତ୍ତ୍ୱ ଏବଂ ଦର୍ଶନ ଚର୍ଚ୍ଚା, ଏହି ଦୁଇ ବିଭାଗ ଉପରେ ତୁଳନାତ୍ମକ ଅଧ୍ୟୟନ ହେଉଥିଲା । ତେବେ ୧୮୧୬ ମସିହାରେ

ଏଫ. ଜେ. ଏମ. ନୋଏଲ ଏବଂ ଗୁଇସ ବେଦ ପ୍ରଥମଥର ପାଇଁ ଇଂରାଜୀ ଓ ଫରାସୀ ସାହିତ୍ୟର ପ୍ରାଚୀନତା ଉପରେ ତୁଳନାତ୍ମକ ନିବନ୍ଧାବଳୀ ପ୍ରକାଶ କରିଥିଲେ । ଯେଉଁ ପୁସ୍ତକର ନାମଥିଲା Course de Litterature Comparee ; Les Le,cons fran, caises de litterature et de morale । ଇଂରାଜୀ ସାହିତ୍ୟ ପ୍ରେକ୍ଷାପଟ୍ଟରେ ଫ୍ରାନସିସ ମିଆରସ ୧୫୯୮ ରେ A comparative Discorse of our English poets with the Greek, Latin and Italian Poets." ଶୀର୍ଷକ ଏକ ପ୍ରବନ୍ଧ ରଚନା କରିଥିଲେ । ସେହିପରି ନିଉଜଲାଣ୍ଡର ଅକଲାଣ୍ଡ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ହଚସନ ମାକୁଲେ ପୋସନେଟ (୧୮୮) ରେ Comparative Literature ଶୀର୍ଷକ ଏକ ପୁସ୍ତକ ରଚନା କରିଥିଲେ । କାର୍ଲମାର୍କସ ଏବଂ ଏଞ୍ଜେଲସ ତାଙ୍କର The Communist Manifest (୧୮୪୮) ପୁସ୍ତକରେ Local Literature ଏବଂ World Literature ସଂପର୍କରେ ସୂଚନା ପ୍ରଦାନ କରିଥିବାର ଦେଖିବାକୁ ମିଳେ । ତେବେ ଆମେରିକାର ତୁଳନାତତ୍ତ୍ୱବିଦ୍ ହେନେରୀ ଏଚ ପ୍ରଥମଥର କରି ତୁଳନାତ୍ମକ ସାହିତ୍ୟ ଅଧ୍ୟୟନକୁ ତୁଳନାତ୍ମକ ସଂସ୍କୃତି ଅଧ୍ୟୟନ ଭିତରେ ସମାୟିତ କରିଥିଲେ । ଏହିପରି ଦେଖିଲେ, ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ଏକ ବିସ୍ତୃତ ଇତିହାସ ରହିଛି । ସାହିତ୍ୟ ସମୀକ୍ଷା ଶାସ୍ତ୍ରର ଏହି ପ୍ରଭାଗଟି କେବଳ ପ୍ରଭାବଶାଳୀ ସାହିତ୍ୟକୁ ଗୁରୁତ୍ୱ ଦିଏ ନାହିଁ, ପରନ୍ତୁ ଅଖ୍ୟାତ ଭାଷାରେ ସୃଷ୍ଟି ସାହିତ୍ୟକୁ ମାନ୍ୟତା ପ୍ରଦାନ କରିଥାଏ । ଭୌଗୋଳିକ ସୀମା ଅତିକ୍ରମ କରିବାରେ ଦକ୍ଷତା ଥାଏ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର । ବିଶ୍ୱାୟନ ପ୍ରେକ୍ଷାପଟ୍ଟରେ ଏହି ଅବଧାରଣାଟିକୁ ଗୁରୁତ୍ୱ ଦେଇଛନ୍ତି ଗାୟତ୍ରୀ ସ୍ପିଭାକ ଚକ୍ରବର୍ତ୍ତୀ ତାଙ୍କର The Death of a Discipline (୨୦୦୪) ଗ୍ରନ୍ଥରେ । ତେବେ ନବ୍ୟ ତୁଳନାତ୍ମକ ଅଧ୍ୟୟନ, ପାଶ୍ଚାତ୍ୟ ସଂସ୍କୃତିର ଆଧିପତ୍ୟକୁ ଅସ୍ୱୀକାର କରି, ଅର୍ଥାତ ପରିକଳ୍ପିତ/ ନିର୍ମିତ/ ଅନୁଭୂତ କେନ୍ଦ୍ରଠାରୁ ନିଜକୁ ମୁକ୍ତରଖି ପ୍ରାନ୍ତୀୟ (ପ୍ରାଚ୍ୟ ଭିତ୍ତିଭୂମିରେ ଅସ୍ଥି ମଜ୍ଜାଗତ ଥିବା ସାଂସ୍କୃତିକ ଅବୋଧ) ସଂସ୍କୃତି ସହ ବିଜଡ଼ିତ ସାହିତ୍ୟ ତଥା ଅନ୍ୟାନ୍ୟ ବିଦ୍ୟାର ସାରାଂଶକୁ ଆଲୋଚନା ପରିସରର ଦ୍ୱାର ଉନ୍ମୁକ୍ତ କରିଛି । ତେଣୁ ଏ କ୍ଷେତ୍ରରେ ପାଶ୍ଚାତ୍ୟ ସଂସ୍କୃତି ଚର୍ଚ୍ଚାର ଆଧିପତ୍ୟକୁ ପରାହତ କରି ପ୍ରାନ୍ତୀୟ ସାହିତ୍ୟରେ ଥିବା ଉତ୍କର୍ଷ ଅନୁଭବ ଉପରେ ଗୁରୁତ୍ୱ ଆରୋପ କରାଯାଇଛି ।

## ୨.୪.୫ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ଉପଯୋଗିତା

ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ଆବଶ୍ୟକତା, ଉପଯୋଗିତା ତଥା ପ୍ରୟୋଜନୀୟତା ସଂପର୍କରେ ବହୁ ମତମତାନ୍ତର ରହିଛି । ଏହି ମତମତାନ୍ତର ପଛରେ କାର୍ଯ୍ୟକରିଛି ଅନୁବାଦ ତତ୍ତ୍ୱ ସମ୍ବଳିତ ବିତର୍କ । ଏହି ମତମତାନ୍ତର ପଛରେ କାର୍ଯ୍ୟ କରିଛି ଅନୁବାଦ ତତ୍ତ୍ୱ ସମ୍ବଳତ ତର୍କବିତର୍କ । ଅର୍ଥାତ୍ ବିଶ୍ୱସାହିତ୍ୟ ପର୍ଯ୍ୟବେକ୍ଷଣରେ ତୁଳନାତ୍ମକ ଅଧ୍ୟୟନ ଅପେକ୍ଷା ଅନୁବାଦ ଶ୍ରେୟ ବୋଲି ନିଜକୁ ଏକ ସ୍ୱତନ୍ତ୍ର ପ୍ରଭାଗ (Genre) ଭାବେ ଚିହ୍ନିତ କରିଛି । ଏହି ପ୍ରଭାଗର ତାତ୍ତ୍ୱିକ ଅନ୍ୱେଷଣର ପ୍ରାବଲ୍ୟ ଭିତରେ ତୁଳନାତ୍ମକ ସାହିତ୍ୟ ନିଜର ଆଭିମୁଖ୍ୟ ତଥା ଅସ୍ତିତ୍ୱ ହରାଇବା ଆଶଂକା ଦେଖାଦେଇଛି । ଅନୁବାଦ ଏକ ଶ୍ରେଷ୍ଠ କର୍ମ, ଏପରି ଏକ ସ୍ଲୋଗାନ ଭିତରେ ତୁଳନାତ୍ମକ ସାହିତ୍ୟର ସୌନ୍ଦର୍ଯ୍ୟବୋଧ ମଳିନ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେବେ ଏହି ତର୍କ ବଳୟର ଆଧାର ଭୂମିକୁ ଉପଜୀବ୍ୟ କରି ତୁଳନାତ୍ମକ ସାହିତ୍ୟ ନିଜର ସ୍ୱାତନ୍ତ୍ର୍ୟ ପ୍ରଖ୍ୟାପନରେ ବ୍ରତୀ । ସେଥିପାଇଁ ନୂତନ ତୁଳନାତ୍ମକ ସାହିତ୍ୟ, ନିମ୍ନ ଦୃଷ୍ଟିରେ ଦେଖୁଥିବା ତଥା ପ୍ରାଧାନ୍ୟ ବିସ୍ତାର କରୁଥିବା ସାଂସ୍କୃତିକ ଦୃଷ୍ଟିକୁ ପରାହତ କରି ବିଶ୍ୱର ସର୍ବାଂ ଚଳରେ ଅସ୍ପୃଶ୍ୟପ୍ରାୟ ସାଂସ୍କୃତିକ ଅଭିଚେତନାକୁ ଗୁରୁତ୍ୱ ଦେବା ପାଇଁ ପ୍ରୟାସ କରିଛି । ଅର୍ଥାତ ତଥାକଥିତ

ବୃହତ ପରଂପରାକୁ ଗୁରୁତ୍ୱ ଦେଇ ଗଢିଉଠୁଥିବା ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ପରିସର ସୀମିତ । ପରବର୍ତ୍ତୀ ସମୟରେ ଶାସ୍ତ୍ରାୟଣ ପ୍ରକ୍ରିୟାରେ ଗଢିଉଠିଥିବା ଏହି ସାଂସ୍କୃତିକ ଆଧିପତ୍ୟକୁ କ୍ଷୁର୍ଣ୍ଣ କରିବା ସହ ବିଶ୍ୱର ପ୍ରତି କୋଣ ଅନୁକୋଣରେ ଶୋଭିତ ସଂସ୍କୃତିକୁ ଆଲୋଚନାର ପରିସରଭୁକ୍ତ କରିଛି ନୂତନ ତୁଳନାତ୍ମକ ସାହିତ୍ୟ । ତେଣୁ ବିଶ୍ୱର ପ୍ରତିଟି ଲିଖିତ ଭାଷାରେ ସୃଷ୍ଟି ହୋଇଥିବା ସାହିତ୍ୟର ମର୍ମବୋଧକୁ ପରିଚିତ କରାଇବାର ଉଦ୍ଦେଶ୍ୟରେ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ତେବେ ଅଲିଖିତ ଭାଷାଗୋଷ୍ଠୀ ଅନ୍ତର୍ଭୁକ୍ତ ଜନସମୂହ ମଧ୍ୟରେ ଉପସ୍ଥିତ ଲୋକସାହିତ୍ୟ ଆଧାରକୁ ଭିତ୍ତିକରି ତୁଳନାତ୍ମକ ଲୋକସାହିତ୍ୟ ଚର୍ଚ୍ଚାର ଶୁଭାରମ୍ଭ ଘଟିଛି । ତେଣୁ ଉଭୟ ଲିଖିତ ଭାଷାରେ ପ୍ରସ୍ଫୁଟିତ ସାହିତ୍ୟ- ସୌକୁମାର୍ଯ୍ୟକୁ ତୁଳନାତ୍ମକ ସାହିତ୍ୟ ବିଦ୍ୟା ପ୍ରାଧାନ୍ୟ ଦେଇ ଆସିଛ । ଉନ୍ନବିଂଶ ଶତକରୁ ଏକ ବିଂଶ ଶତକ ମଧ୍ୟରେ ତୁଳନାତ୍ମକ ସାହିତ୍ୟ ଚର୍ଚ୍ଚା ବିବିଧ ପ୍ରତିବନ୍ଧକ ସତ୍ତ୍ୱେ ନିଜର ଅସ୍ତିତ୍ୱ ବଳବତ୍ତର ରକ୍ଷା କରିଛି । ତେଣୁ ବିଶ୍ୱାୟନ ପ୍ରେକ୍ଷାପଟରେ ସାହିତ୍ୟ ଓ ସଂସ୍କୃତିରେ ଯେଉଁସବୁ ପରିବର୍ତ୍ତନର ସ୍ୱର ଓ ସ୍ୱାକ୍ଷର ରହିଛି ତାର ମୂଳଉତ୍ସ ସଂଧାନରେ ତୁଳନାତ୍ମକ ଅଧ୍ୟୟନ ପ୍ରମୁଖ ଭୂମିକା ନିର୍ବାହ କରିଛି ।

ଲୋକ ସହିତ ଲୋକ, ଭାଷା ସହିତ ଭାଷା, ସଂସ୍କୃତି ସହିତ ସଂସ୍କୃତି ତଥା ସାହିତ୍ୟ ଧାରା ସହିତ ବିଶ୍ୱ ସମୁଦାୟକୁ ପରିଚୟ ଦେବା ଉଦ୍ଦେଶ୍ୟରେ ତୁଳନାତ୍ମକ ସାହିତ୍ୟର ପ୍ରୟୋଜନୀୟତା ରହିଛି । ପ୍ରାନ୍ତୀୟ ଓ ତଥା କଥିତ କେନ୍ଦ୍ର ଦ୍ୱାରା ସଂରଚିତ ସାହିତ୍ୟର ମୂଲ୍ୟାୟନ କରିବା ସହିତ ଉଭୟ ମଧ୍ୟରେ ଥିବା ସାମ୍ୟ ବୈଷମ୍ୟ ଓ ବୈଶିଷ୍ଟ୍ୟକୁ ନିରୂପଣ ନିମନ୍ତେ ତୁଳନାତ୍ମକ ସାହିତ୍ୟର ପ୍ରମୁଖ ଭୂମିକା ରହିଛି । ତେଣୁ ଯେତେବେଳେ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ପ୍ରୟୋଜନୀୟତା କଥା ଉଠେ ସେତେବେଳେ ଉପରୋକ୍ତ ସଂପୃକ୍ତ ବିଷୟାବଳୀ ଉପରେ ତାର ଆଲୋଚନା ଓ ଆଭିମୁଖ୍ୟକୁ ବୁଝିବାକୁ ପଡ଼ିବ । ତୁଳନାତ୍ମକ ସାହିତ୍ୟର ଭିତ୍ତିଭୂମି ହେଉଛି, ବିଶ୍ୱରେ ପ୍ରଚଳିତ ଭାଷା, ସାହିତ୍ୟ ଓ ସଂସ୍କୃତି ସଂପର୍କରେ ଅବଗତ ହେବା । ଭାଷା ହିଁ ଭାବ ପ୍ରକାଶର ଉତ୍କୃଷ୍ଟ ମାଧ୍ୟମ । କାରଣ ଏହା ସହିତ ନିବିଡ଼ ଭାବେ ଜଡ଼ିତ ହୋଇରହିଥାଏ ସାଂସ୍କୃତିକ ଉପାଦାନ । ଏକକ ବ୍ୟକ୍ତି ପକ୍ଷରେ ଏହା ସମ୍ଭବପର ନୁହେଁ ଯେ, ବିଶ୍ୱର କୋଣ ଅନୁକୋଣରେ ବ୍ୟବହୃତ ଭାଷା ସଂପର୍କରେ ସଂପୂର୍ଣ୍ଣ ଜ୍ଞାନ ହାସଲ କରିବା । ତେଣୁ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ କ୍ଷେତ୍ରରେ ଅନୁବାଦ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଯଦି ଅନୁବାଦକ ମୂଳ ଭାଷା ସଂପର୍କରେ ପାରଦର୍ଶିତା ଲାଭ କରିନଥାଏ ତେବେ ଇଂରାଜୀ ବା ଅନ୍ୟ ଭାଷା ; ଯାହା ଉପରେ ତାର ଦକ୍ଷତା ଥାଏ, ସେଇ ଭାଷାରେ ରଚିତ ପୁସ୍ତକକୁ ଆକାର ଗ୍ରନ୍ଥ ଭାବରେ ଗ୍ରହଣ କରିଥାଏ । ତେବେ ଅନେକ କ୍ଷେତ୍ରରେ ମୂଳଭାଷାରେ ପ୍ରତିକୂଳ ସେଇ ଜନ ଗୋଷ୍ଠୀର ସାଂସ୍କୃତିକ ବୈଚିତ୍ର୍ୟକୁ ଅନୁଦିତ ପୁସ୍ତକ କେତେଦୂର ପ୍ରତିଫଳିତ କରିବାରେ ସମର୍ଥ, ତାହା ଏକ ପ୍ରଶ୍ନ । ଏହି ପ୍ରଶ୍ନବାଚୀ ଅମୂଳକ ନୁହେଁ । କାରଣ ଯେଉଁ ତୃତୀୟ ପକ୍ଷର ସାହାଯ୍ୟ ନେଇ ଅନୁବାଦ କାର୍ଯ୍ୟ ସଂପନ୍ନ ହୁଏ ସେଥିରେ ସାଂସ୍କୃତିକ ଅର୍ଥଗମନରେ ଅଭାବବୋଧ ପରିଲକ୍ଷିତ ହୋଇଥାଏ । ତେଣୁ ଅନୁବାଦ କର୍ମରେ ଯଦି ସାଧୁତା ରକ୍ଷା ହୋଇପାରିବ ତେବେ ତୁଳନାତ୍ମକ ଅଧ୍ୟୟନରେ ପ୍ରକୃତ ନିର୍ଯ୍ୟାସଟି ବାହାରିପାରିବ । ତେଣୁ ତୁଳନାତ୍ମକ ଅଧ୍ୟୟନର ଏକ ଗୁରୁଦାୟିତ୍ୱ ରହିଛି ଯାହା ମାଧ୍ୟମରେ ଆମେ ଗୋଟିଏ ଗୋଷ୍ଠୀ ସାଂସ୍କୃତିକ ଐତିହାସିକକୁ ବିଶ୍ୱରେ ପରିଚିତ କରିପାରିବା ।

ଏଠାରେ ଆଉ ଗୋଟିଏ ପ୍ରସଙ୍ଗ ଉଲ୍ଲେଖନୀୟ ଗୋଟିଏ ଭାଷା ଓ ଭୂଗୋଳ ଠାରୁ କୌଣସି ଯୋଗାଯୋଗ ବା ସଂପର୍କ ରହିତ ଅନ୍ୟ ଏକ ଭାଷା ଓ ଭୂଗୋଳର ପରିବେଷ୍ଟନୀରେ ବିକଶିତ ସମକାଳ ସାହିତ୍ୟ ମଧ୍ୟରେ ଯଦି

କିଛି ସାମ୍ୟ ରହିଥାଏ, ତାର ତୁଳନାତ୍ମକ ଅଧ୍ୟୟନକୁ ସମାନ୍ତରାଳ ଅଧ୍ୟନ (Parallael Study) କୁହାଯିବ । କିନ୍ତୁ ଆଧୁନିକ ଅବିଧାରେ ନିର୍ମିତ ତୁଳନାତ୍ମକ ସହିତ୍ୟ ଅଧ୍ୟୟନ କୁହାଯିବ ନାହିଁ । ତେଣୁ ତୁଳନାତ୍ମକ ଅଧ୍ୟୟନ ସର୍ବଦା ପ୍ରଭାବ ଓ ପ୍ରତିକ୍ରିୟା ନିର୍ଭରଶୀଳ । ଏବଂ ଏହି ପ୍ରକ୍ରିୟାଟି କାଳ, ଭୂଗୋଳ ଓ ଭାଷା ତଥା ଯୋଗାଯୋଗ ନିର୍ଭରଶୀଳ । ସେହି ଦୃଷ୍ଟିରୁ ଜ୍ଞାନ ଚର୍ଚ୍ଚା ପରଂପରାରେ ଗୋଟିଏ ଲେଖକ ଯଦି ଅନ୍ୟ ଏକ ଭିନ୍ନ ସାମାଜିକ । ସଂସ୍କୃତିକ ପରଂପରାର ଅଂଶୀଭୂତ ଲେଖକ ସହିତ କୌଣସି ସୂତ୍ରରେ ନିବିଡ଼ତା ରଖିନଥିବ ତେବେ ସେ କିପରି ପ୍ରଭାବିତ ହେବ । ତୁଳନାତ୍ମକ ସାହିତ୍ୟ ଅଧ୍ୟନ ସମୟରେ ଏହି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଦୃଷ୍ଟିଦେବାକୁ ପଡ଼ିଥାଏ । ଏହିସବୁ ଦୃଷ୍ଟିରୁ ବିଚାର ତୁଳନାତ୍ମକ ସାହିତ୍ୟର ପରିସର ଯେପରି ବ୍ୟାପକ ସେହିପରି ତାର ପ୍ରୟୋଜନୀୟତା ବେଶ୍ ଗୁରୁତ୍ୱପୂର୍ଣ୍ଣ ।

## ୨.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

(କ) ସମୀକ୍ଷା ଶାସ୍ତ୍ର କାହାର ଗୁଣାତ୍ମକ ମୂଲ୍ୟ ନିର୍ଦ୍ଧାରଣ କରିଥାଏ ?

(ଖ) ତୁଳନାତ୍ମକ ସାହିତ୍ୟ କାହା ସହିତ ସଂହତି ସ୍ଥାପନ କରିଥାଏ ?

(ଗ) ଭାରତୀୟ ସାହିତ୍ୟର କେଉଁ ଗୁଣ ବିଜ୍ଞଜନଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥାଏ ?

(ଘ) ତୁଳନାତ୍ମକ ସାହିତ୍ୟ ସଂପର୍କରେ ଗେଟେ କ'ଣ କହିଛନ୍ତି ?

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

(କ) ବିଶ୍ୱ ସହିତ ଅଞ୍ଚଳକୁ ତୁଳନାତ୍ମକ ସାହିତ୍ୟ କିପରି ଯୋଡ଼ିଥାଏ ?

(ଖ) ବିଶ୍ୱଜନ ସଂସ୍କୃତିର ଏକତ୍ର ସହାବସ୍ଥାନ ଓ ମାନବିକତାର ପ୍ରତିଷ୍ଠାରେ ତୁଳନାତ୍ମକ ସାହିତ୍ୟର ପ୍ରୟୋଜନୀୟତା ଆଲୋଚନା କର ।

(ଗ) କେନ୍ଦ୍ର ଓ ପରିଧି ସାହିତ୍ୟର ସଂଯୋଗ ସ୍ଥାପନରେ ତୁଳନାତ୍ମକ ସାହିତ୍ୟର ପ୍ରୟୋଜନୀୟତା ବିଚାର କର ।

(ଘ) ଅନୁବାଦ ମାଧ୍ୟମରେ ତୁଳନାତ୍ମକ ସାହିତ୍ୟ ନିଜ ସ୍ୱରୂପ ପ୍ରକାଶରେ ସମର୍ଥ ହୋଇଛି ? ଆଲୋଚନା କର ।

## ୨.୬ ସହାୟକ ଗ୍ରନ୍ଥସୂଚୀ


- Bhaduri, Saugata and Basu, Amar, Prospectives on comparative Literature and Culture in the age of Globalization (Ed), Anthem press, India, 2010.
- Devsen, Nabaneeta, Counter Points, Essays in Comparative Literature, Prajna, Calcutta, 1985
- Wellek, Rene and warren, Austin, theory of Literature, Penguin Books, 1973.